


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୭ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 April 2026

Vol.No. 36 ■ No.101 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ଆଗତ ହେଲା ୩ ବିଧେୟକ

## ◆ମହିଳା ସଂରକ୍ଷଣ ବିଲକୁ ସବୁ ଦଳର ହଁ
## ◆ସୀମା ପୁନଃନିର୍ଦ୍ଧାରଣ ବିଧେୟକକୁ ନାଁ
## ◆ବଡ଼ ବିତର୍କ ଚାଲିଛି ସଂସଦରେ



ନୂଆଦିଲ୍ଲୀ,୧୬/୪ : ମହିଳା ସଂରକ୍ଷଣ ବିଲକୁ ବିରୋଧ କଲେ, କ୍ଷମା ମିଳିବନି, ପରିଣାମ ଭୋଗିବାକୁ ପଡ଼ିବ । ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୩ ବହୁ ପ୍ରତୀକ୍ଷିତ ବିଲ୍ ଆଗତ ହେବା ପରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଆଜି ବିରୋଧୀଙ୍କ ହଟ୍ଟଗୋଳ ଭିତରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସମ୍ବିଧାନ ସଂଶୋଧନ ଓ ସୀମା ପୁନଃ ନିର୍ଦ୍ଧାରଣ ବିଧେୟକକୁ ଲୋକସଭାରେ ଆଗତ କରିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ, କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ବିଲ୍ ଉପସ୍ଥାପନ କରିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ, ସଂସଦୀୟ କ୍ଷେତ୍ର ସୀମା ପୁନଃନିର୍ଦ୍ଧାରଣ ଓ ଲୋକସଭା ଆସନ ସଂଖ୍ୟା ସର୍ବାଧିକ ୮୫୦କୁ ବୃଦ୍ଧି ଉଦ୍ଦେଶ୍ୟରେ ଲୋକସଭାରେ ଆଗତ ହୋଇଛି ୩ ବିଧେୟକ । ବିଲ୍ ଉପସ୍ଥାପିତ ହେବା ପରେ, ଏହାର ପ୍ରତ୍ୟାହାର ଦାବିରେ ଜୋରଦାର ହଟ୍ଟଗୋଳ କରିଥିଲେ ବିରୋଧୀ । କଂଗ୍ରେସ ସାଂସଦ କେ.ସି.ଭେନୁଗୋପାଳ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିବା । ସରକାର ଗଣତନ୍ତ୍ରକୁ ହାଇଜାକ୍ କରୁଥିବା କଂଗ୍ରେସ ଅଭିଯୋଗ କରିଥିବା ବେଳେ, ଏହାକୁ ତୁଚ୍ଛା ଗୁଜବ ଓ ଭ୍ରମ ବୋଲି କହିଥିଲେ ଶାହ । ମହିଳା ସଂରକ୍ଷଣକୁ ନେଇ ଶାହଙ୍କ ସହ ମୁହାଁମୁହିଁ ହୋଇଥିଲେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ। ସେପଟେ ଏହି ବିଲ୍ ଦ୍ୱାରା କୌଣସି ରାଜ୍ୟ କ୍ଷତି ସହିବେନି ବୋଲି ସୁନିଶ୍ଚିତ କରିଛନ୍ତି ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ। ବିରୋଧୀଙ୍କ ହଟ୍ଟଗୋଳ ଭିତରେ, ଲୋକସଭାରେ ଆଗତ ହୋଇଛି ୩ଟି ଯାକ ବିଲ୍ । ଏହା ସପକ୍ଷରେ ୨୦୭ ଭୋଟ୍ ପଡ଼ିଥିବା ବେଳେ, ବିପକ୍ଷରେ ପଡ଼ିଥିଲା ୧୨୬ ଭୋଟ୍। ବାଚନିକ ଭୋଟ୍ ପରିବର୍ତ୍ତେ ବିଲ୍ ବିରୋଧରେ ଡିଭିଜନ୍ ବା ମତ ବିଭାଜନ ଦାବି କରିଥିଲେ ବିରୋଧୀ । ଏହାପରେ ଅଟୋମେଟିକ୍ ଭୋଟ୍ ରେକର୍ଡର୍ ମାଧ୍ୟମରେ ମତ ସଂଗ୍ରହ କରିଥିଲେ ବାଚସ୍ପତି । ଏହି ୩ଟି ବିଧେୟକ ଉପରେ ୧୫ ରୁ ୧୮ ଘଣ୍ଟା ଆଲୋଚନା ହେବ ଏବଂ ଆସନ୍ତାକାଲି ଅପରାହ୍ନ ୪ଟାରେ ଭୋଟିଂ କରାଯିବ । ବିଲ୍ ଆଗତ ହେବା ପରେ ଲୋକସଭାକୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। କହିଛନ୍ତି- ମହିଳା ସଂରକ୍ଷଣକୁ ବିରୋଧ କଲେ କ୍ଷମା ନାହିଁ । ଲମ୍ବା ସମୟ ଧରି ଏହାର ପରିଣାମ ଭୋଗିବାକୁ ପଡ଼ିବ । କୌଣସି ରାଜ୍ୟ ସହ ଭେଦଭାବ ହେବନି । ଏହାର ଗ୍ୟାରେଣ୍ଟି ଦେଉଛି ବୋଲି କହିଛନ୍ତି ମୋଦୀ । ଲୋକସଭାରେ ବିଲ୍ ପାରିତ ହେବାକୁ ୩୬୦ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଏନଡିଏ ପାଖରେ ଅଛନ୍ତି ୨୯୩ ସାଂସଦ ।

## ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ପରେ ସବୁ ସାଂସଦଙ୍କୁ ନବୀନଙ୍କ ଚିଠି: ବିଲ ପାରିତ ହେଲେ ଓଡ଼ିଶା କ୍ଷତି ସହିବା ଆଶଙ୍କା



ଭୁବନେଶ୍ୱର, ୧୬/୪ (ନି.ପ୍ର): ଚାରିଆଡ଼େ ଗୋଟିଏ ଚର୍ଚ୍ଚା, କେତେ ଆସନ ବଢ଼ିବ, କେଉଁ ଆସନ ଭାଂଗି ନୂଆ ଆସନ ଜନ୍ମ ନେବ । ସୀମା ପୁନଃନିର୍ଦ୍ଧାରଣ ହେଲେ କିଏ ଲାଭ ପାଇବ, କିଏ କ୍ଷତି ସହିବ । ତାହାର ହିସାବ କିତାବ ଆରମ୍ଭ କରିଦେଲେଣି ରାଜନୈତିକ ଦଳ। ଓଡ଼ିଶାର ସିଟ ହ୍ରାସ ପାଇବ ନା ବଢିବ ଏହି ଅନିଶ୍ଚିତତା ଭିତରେ ନବୀନ ପୁଣି ଆଜି ଚିଠି ଲେଖି ଦିଲ୍ଲୀରେ, ରାଜ୍ୟ ସ୍ୱାର୍ଥ ପାଇଁ ଏକାଠି ହୋଇ ସ୍ୱର ଉଠାଇବାକୁ ସାଂସଦଙ୍କୁ ଆହ୍ୱାନ ଦେଇଛନ୍ତି । ସୀମାପୁନନିର୍ଦ୍ଧାରଣକୁ ନେଇ ରାଜ୍ୟରେ ଅଣଚାଶ ପବନ ବୋହିବା ଆରମ୍ଭ ହେଲାଣି। କାହାର କଟିବ, କେଉଁ ନୂଆ ଆସନ ଜନ୍ମ ନେବ । କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ତାହାର କିଛି କୂଳ କିନାରା ପାଉନାହାନ୍ତି ନେତା । କିଛି ଜାତୀୟ ଗଣମାଧ୍ୟମର ଆକଳନ କହୁଛି ଓଡ଼ିଶାର ଏମପି ସିଟ ୩୧ ପ୍ଲସ ରହିବ, ଆଉ କିଛି କହୁଛନ୍ତି ୨୦୧୧ ଜନଗଣନା ଅନୁସାରେ ଲୋକସଭା ସିଟ ଆଶାନୁରୂପକ ନବଢି ୨୯ ଆସନରେ ସିମିତ ରହିବ । ହେଲେ ସୀମାନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ପ୍ରତିକ୍ରିୟାଶୀଳ ହୋଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାର ସବୁ ସାଂସଦକଙ୍କୁ ଚିଠି ଲେଖିଛନ୍ତି, ସଂସଦ ଭିତରେ ଓ ବାହାରେ ଦୃଢ଼ ସ୍ୱର ଉଠାଇବାକୁ ଅପିଲ୍ କରିଛନ୍ତି। ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଓଡ଼ିଶାର ରାଜନୈତିକ ପ୍ରଭାବ ହ୍ରାସ ପାଇବ। ଅର୍ଥନୈତିକ ଭାବେ କ୍ଷତି ସହିବ ଓଡ଼ିଶା। ସଂସଦରେ ସ୍ୱର ଦୁର୍ବଳ ହେଲେ ବିକାଶ ପ୍ରଭାବିତ ହେବ।

◆◆ପୃଷ୍ଠା ୭

## ଏନ୍‌ଜିଟି ଛାଟ ପରେ ପ୍ରାଶାସନିକ ତତ୍ପରତା: ଲଘୁ ଖଣିଜ ଚୋରିର ହେଲା ତଦନ୍ତ



ଭୁବନେଶ୍ୱର, ୧୬/୪ (ନି.ପ୍ର): ଖୋର୍ଦ୍ଧା ଓ ଜଟଣି ତହସିଲ୍ ଅଞ୍ଚଳରେ ଶହେ ଏକରରୁ ଅଧିକ ଜମିରେ ବେଆଇନ୍ ଲଘୁ ଖଣିଜ ଚୋରି ମାମଲାରେ ଆରମ୍ଭ ହେଲା ତଦନ୍ତ । ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ୪ଟି ଟିମ୍ ଆଜି ମିଳିତ ଭାବେ ସରଜମିନ୍ ତଦନ୍ତ କରିଛନ୍ତି । କନକ ନ୍ୟୁଜ ଏ ସମ୍ପର୍କରେ ପ୍ରଥମେ ଗ୍ରାଉଣ୍ଡ ଜିରୋକୁ ଯାଇ ତଥ୍ୟ ଆଧାରରେ ଖବର ପରିବେଷଣ କରିଥିଲା । ଖୋର୍ଦ୍ଧା ଓ ଜଟଣି ତହସିଲ୍ ଅଞ୍ଚଳରେ ଦିନ ରାତି ବେଧଡକ୍ ଭାବେ ଚାଲିଥିଲା ଖଣି ଲୁଟ୍ । ସରକାରୀ ବାବୁଙ୍କ ନାକ ତଳେ ଲୁଟ୍ କରୁଥିଲେ ମାଫିଆ । ଜେସିବି ଲଗାଇ ତାଡ଼ି ନେଉଥିଲେ ମୋରମ୍ ଓ ମାଙ୍କଡ଼ା ପଥର । ଏନ୍‌ଜିଟିରେ ଅଭିଯୋଗ ପରେ ପଡ଼ିଛି ଛାଟ। ଆଉ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ଇଏ ହେଉଛି ଆଜିର ଚିତ୍ର । ଖଣି ଖନନ ଜାଗାରେ ପହଞ୍ଚିଛନ୍ତି ତଦନ୍ତକାରୀ ଟିମ୍। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ, ଖଣି ଅଧିକାରୀ ଓ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ଟିମ୍ ସରଜମିନ୍ ତଦନ୍ତ ଆରମ୍ଭ କରିଛନ୍ତି। ଏବେ ଖଣିର ସ୍ଥିତି କ'ଣ ରହିଛି ? କେତେ ଆକାରର ଖନନ ହୋଇଛି ? ସେସବୁ ଜଙ୍ଗଲ ଜମି କି ନାହିଁ ? ତାର ତର୍ଜମା କରିଛନ୍ତି। ଜଟଣୀ ତହସିଲ୍‌ର ମଧୁପୁର ଏବଂ ଖୋର୍ଦ୍ଧା ତହସିଲ୍‌ର ଟାଙ୍ଗିଆପଡ଼ା, ଅରାଙ୍ଗ ଓ ନିଆଳ ଖଣି ଅଂଚଳ ବୁଲି ଦେଖିଛନ୍ତି ତଦନ୍ତକାରୀ ଟିମ୍। ଖଣି ଲୁଟ୍ ହୋଇଥିବା ଜଳଜଳ ଦିଶୁଥିବା ବେଳେ ଏବେବି ମୁକ୍ତ ଭାବେ ବୁଲୁଛନ୍ତି ମାଫିଆ। ତେବେ ଏହି ତଦନ୍ତ ପରେ ଏହି ବେଆଇନ ଖଣି ଲୁଟ୍ ପଛରେ ଥିବା ସରକାରୀ ବାବୁଙ୍କ ସମ୍ପୃକ୍ତି ନେଇ ତଦନ୍ତ ହେବ ତ ? କେନ୍ଦ୍ର ରାଜ୍ୟ ସରକାରଙ୍କ ୪ଟି ଟିମ୍ ନିରୀକ୍ଷଣ କରିବା ପରେ ଏକ ବିସ୍ତୃତ ରିପୋର୍ଟ ଏନ୍‌ଜିଟିଙ୍କ ନିକଟରେ ଦାଖଲ କରିବ। ଏହି ପ୍ରକ୍ରିୟାକୁ ଅତ୍ୟାବଶ୍ୟକ ଭାବେ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗ ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ଆଜି ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ

### ♦ରାଜଧାନୀରେ ହେବ ପାୱାର ସୋ
### ♦ବିଜୁ ଲିଗାସି ମଞ୍ଚରେ ଯୋଗ ଦେବେ ନିଲମ୍ବିତ ବହୁ ବିଧାୟକ

ଭୁବନେଶ୍ୱର, ୧୬/୪ (ନି.ପ୍ର): ଆସନ୍ତାକାଲି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ। ଏହି ଅବସରରେ ବିଜୁ ଲିଗାସି ମଞ୍ଚରେ ଶକ୍ତି ପ୍ରଦର୍ଶନ କରିବେ କିଛି ପୁରୁଖା ରାଜନେତା। ଏଥିସହ କିଛି ବିଧାୟକ, ସାଂସଦ, ପୂର୍ବତନ ମନ୍ତ୍ରୀ ଏବଂ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ନିଲମ୍ବିତ ହୋଇଥିବା କିଛି ବିଧାୟକ ବି ସାମିଲ୍ ହେବେ। ତେବେ ବିଜୁ ଲିଗାସି ମଞ୍ଚରୁ କେଉଁ ବାର୍ତ୍ତା ରାଜ୍ୟ ରାଜନୀତିକୁ ଆସିବ, ତା ଉପରେ ସମସ୍ତଙ୍କ ନଜର। ଆସନ୍ତାକାଲି ରାଜ୍ୟ ରାଜନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ରାଜଧାନୀରେ ଦେଖିବାକୁ ମିଳିବ ପାୱାର ସୋ'। ଶଙ୍ଖ ଭବନରେ ଏକାଠି ହୋଇଥିବେ ବିଜେଡି ନେତା, ପାଳନ କରିବେ ପ୍ରବାଦ ପୁରୁଷ ଦିବସ। ଆଉ ତା'ର ମାତ୍ର ୫୦୦ ମିଟର ଦୂରରେ ଦମ୍ ଦେଖାଇବ ବିଜୁ ଲିଗାସି । ସମୟ ବଢ଼ିବା ସହିତ ଆରମ୍ଭ ହୋଇଗଲାଣି କାଉଣ୍ଟଡାଉନ୍। ଓୟୁଏଟି ସମ୍ମିଳନୀ କକ୍ଷରେ ଏକାଠି ହେବେ ଶହଶହ ବିଜୁ ପ୍ରେମୀ। ବିଜୟ ମହାପାତ୍ର, ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ପ୍ରସନ୍ନ ପାଟଶାଣୀ, ରବି ପାଣି, ଦିଲ୍ଲୀପ ରାୟ ଓ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଭଳି ଭେଟେରାନ୍ ନେତା ସାମିଲ୍ ହେବେ। ୪ ଘଣ୍ଟା ଧରି ଚାଲିବ ଚର୍ଚ୍ଚା, ଆଲୋଚନା। ଆଉ ଯାହା ନିଷ୍କର୍ଷ ବାହାରିବ, ତାହା ରାଜ୍ୟ ରାଜନୀତିକୁ ଦେବ ନୂଆ ଦିଶା। ସେପଟେ କିଛି ବିଧାୟକ, ସାଂସଦ ଓ ପୂର୍ବତନ ମନ୍ତ୍ରୀଙ୍କୁ ଦେଖିବାକୁ ମିଳିପାରେ ବିଜୁ ଲିଗାସି ମଞ୍ଚରେ। ତାସହ କ୍ରସ୍ ଭୋଟିଂ କରି ନିଲମ୍ବିତ ହୋଇଥିବା କିଛି ବିଧାୟକ ଏହି ମଞ୍ଚରେ ସାମିଲ୍ ହେବେ। ବିଜୁ ଅନୁଗତ ତଥା ବିଜେପି ନେତା ପ୍ରସନ୍ନ ପାଟଶାଣୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବେ ବୋଲି କହିଛନ୍ତି।



## ଘରୋଇ ସ୍କୁଲ ଗୁଡ଼ିକ ନିୟମ ନ ମାନିଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର, ୧୬/୪ (ନି.ପ୍ର): ଘରୋଇ ସ୍କୁଲ ସରକାରୀ ନିୟମ ଖିଲାପ କରିବା ଉପରେ ପ୍ରତିକ୍ରିୟା ରଖି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ସକାଳୁଆ ସ୍କୁଲ ହିଁ ବାଧ୍ୟତାମୂଳକ। କୌଣସି ଘରୋଇ ଶିକ୍ଷା ଅନୁଷ୍ଠାନ ୧୦ଟା୩୦ ପରେ କ୍ଲାସ୍ କରିପାରିବେ ନାହିଁ। କୌଣସି ମତେ ଏଭଳି ଅଭିଯୋଗ ଅଭିଭାବକଙ୍କ ତରଫରୁ ଆସିଲେ ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ।

## ବଢୁଛି ସୂର୍ଯ୍ୟଙ୍କ କୋପ: ସକାଳ ୮ଟା ପରେ ଅସ୍ତବ୍ୟସ୍ତ ହୋଇପଡୁଛି ଜନଜୀବନ

ଭୁବନେଶ୍ୱର, ୧୬/୪ (ନି.ପ୍ର): ଆକାଶରୁ ଅଗ୍ନିବର୍ଷା , ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ଆସନ୍ତା ୨୪ ଘଣ୍ଟାରେ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ରାଜ୍ୟରେ ବର୍ତ୍ତମାନ ୪୦ ଡିଗ୍ରି ଉପରେ ତାପମାତ୍ରା ରହୁଥିବା ବେଳେ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ପ୍ରବଳ ଖରା ହେଉଥିବା ବେଳେ ଅପରାହ୍ଣରେ କାଳବୈଶାଖୀର ସମ୍ଭାବନାକୁ ନେଇ ଏଥିରୁ ମିଳିପାରେ ସାମାନ୍ୟ ଆଶ୍ୱସ୍ତି । ଉପକୂଳରେ ବିଶେଷ ଭାବେ ଗରମ ସହ ଗୁଳୁଗୁଳି ଲାଗିରହୁଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ ୧୧ ଜିଲ୍ଲା ଗଂଜାମ, ଗଜପତି, ନୟାଗଡ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରକୁ

◆◆ପୃଷ୍ଠା ୭

## ନେପାଳରେ ଶହେରୁ ଅଧିକ ନୂଆ ଆଇନ ଆଣିବାକୁ ପ୍ରସ୍ତୁତି

ନୂଆଦିଲ୍ଲୀ,୧୬/୪ : ନେପାଳ ସରକାର ୧୦୦ ରୁ ଅଧିକ ନୂତନ ଆଇନ ତିଆରି କରିବା ଏବଂ ଆଇନଗୁଡିକର ସଂଶୋଧନ କରିବା ପାଇଁ ପ୍ରସ୍ତୁତି କରୁଛନ୍ତି। ଏହା ପାଇଁ ବିଷୟଗୁଡ଼ିକର ପରିଚୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସରକାରଙ୍କ ମୁଖପାତ୍ର ଏବଂ ଶିକ୍ଷାମନ୍ତ୍ରୀ ସସ୍ମିତ ପୋଖରେଲଙ୍କ କହିବା ଅନୁସାରେ, ମୋଟ ୧୦୩ଟି ନୂତନ ଆଇନର ବିଷୟ ଏବଂ ସଂଶୋଧନ କରିବାକୁ ଥିବା ଆଇନଗୁଡିକର ପରିଚୟ କରାଯାଇଛି। ସେ କହିଛନ୍ତି ଯେ, ପ୍ରାଥମିକତା ଆଧାରରେ ନୂତନ ଆଇନଗୁଡ଼ିକୁ ଆଗକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିପରିଷଦ କାର୍ଯ୍ୟାଳୟ ସହିତ ସମସ୍ତ ୨୨ଟି ମନ୍ତ୍ରଣାଳୟ କାମ କରୁଛନ୍ତି। ପୋଖରେଲ ଅଧିକ କହିଛନ୍ତି ଯେ, ଆଇନ ତିଆରିର ରୂପରେଖା ଏବଂ ବିଧାନିକ ପ୍ରକ୍ରିୟା ଅନୁସାରେ ଆବଶ୍ୟକ ପଦକ୍ଷେପ ସମ୍ପୂର୍ଣ୍ଣ ହୋଇଛି କି ନାହିଁ, ତାହାର ପରୀକ୍ଷା ଆଇନ, ନ୍ୟାୟ ଓ ସଂସଦୀୟ କାର୍ଯ୍ୟମନ୍ତ୍ରଣାଳୟ କରୁଛି।

## ଭୋଟକୁ ବାଧ୍ୟତାମୂଳକ କରିବା ଆବେଦନ ସୁପ୍ରିମକୋର୍ଟରେ ଖାରଜ: କୋର୍ଟ କହିଲେ, ଭୋଟ ନଦେଲେ ଗିରଫଦାରୀ ପାଇଁ ଦେଇପାରିବୁନି ଆଦେଶ



ନୂଆଦିଲ୍ଲୀ,୧୬/୪ : ସୁପ୍ରିମକୋର୍ଟରେ ଏକ ଆକର୍ଷଣୀୟ ଆବେଦନର ଶୁଣାଣି ହୋଇଛି। ଆବେଦନରେ ଦାବି କରାଯାଇଥିଲା ଯେ, ଭୋଟ୍‌କୁ ବାଧ୍ୟତାମୂଳକ କରାଯାଉ। ଯେଉଁମାନେ ଜାଣିଶୁଣି ଭୋଟ୍ ଦେଉ ନାହାନ୍ତି ସେମାନଙ୍କ ଉପରେ ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଉ। ଏପରି ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯିବା ଉଚିତ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ମନା କରି କହିଛନ୍ତି ଯେ, କାହାକୁ ଭୋଟ୍ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ଗଣତନ୍ତ୍ରରେ ଭୋଟ୍‌ର ନିଜସ୍ୱ ଗୁରୁତ୍ୱ ଅଛି। ଲୋକଙ୍କୁ ଏହା ବିଷୟରେ ସଚେତନ କରାଯାଇପାରିବ, କିନ୍ତୁ ଆଇନଗତ ଭାବରେ ସେମାନଙ୍କୁ ଏପରି କରିବାକୁ ବାଧ୍ୟ କରାଯାଇପାରିବ ନାହିଁ। ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, କୋର୍ଟ ନିର୍ବାଚନ କମିସନଙ୍କୁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇପାରିବେ ଏବଂ ଭୋଟ୍ ଦେବାରୁ ନିବୃତ୍ତ ରହୁଥିବା ଲୋକଙ୍କ ପାଇଁ ସରକାରୀ ସୁବିଧାକୁ ସୀମିତ କରିପାରିବେ। ପ୍ରଧାନ ବିଚାରପତି ଆବେଦନକାରୀଙ୍କ ପରାମର୍ଶର ବ୍ୟବହାରିକତା ଉପରେ ପ୍ରଶ୍ନ ଉଠାଇ କହିଥିଲେ, ଯଦି ଜଣେ ଗରିବ ବ୍ୟକ୍ତି ଚାକିରି ଯୋଗୁଁ ଭୋଟ ଦେଇପାରୁନାହାନ୍ତି ତେବେ ଆମେ କ'ଣ କରିପାରିବୁ ? ଆମେ କ'ଣ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବା ଉଚିତ ? ଗଣତନ୍ତ୍ରରେ, ସମସ୍ତେ ଭୋଟ୍ ଦେବା ଆଶା କରାଯାଏ। ଏହି ଅଧିକାରକୁ ଉତ୍ସାହିତ କରିବା ପାଇଁ ସଚେତନତା ଅଭିଯାନ ଚଲାଇହେବ, କିନ୍ତୁ ଆମେ ଲୋକଙ୍କୁ ଏହା କରିବାକୁ କିପରି ବାଧ କରିପାରିବା ? ଜଣେ ଭୋଟ୍ ଦେବେ କି ନାହିଁ ତାହା ବ୍ୟକ୍ତିଗତ ପସନ୍ଦର ବିଷୟ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ବାଗଚିଙ୍କୁ ଉଦାହରଣ ଦେଇ ଆବେଦନକାରୀଙ୍କୁ କହିଥିଲେ ଯେ, ଯଦି ତାଙ୍କ ଯୁକ୍ତି ଗ୍ରହଣ କରାଯାଏ, ତେବେ ଜଷ୍ଟିସ ବାଗଚିଙ୍କୁ ଭୋଟ୍ ଦେବା ପାଇଁ ପଶ୍ଚିମବଙ୍ଗ ଯାତ୍ରା କରିବାକୁ ପଡିବ। ଯଦିଓ ସେହି ଦିନ ସୁପ୍ରିମକୋର୍ଟଙ୍କର କାର୍ଯ୍ୟ ଦିବସ ରହିଛି। ଜଷ୍ଟିସ ବାଗଚି ଜବାବ ଦେଇଥିଲେ ଯେ, ନ୍ୟାୟିକ କାର୍ଯ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କୋର୍ଟ ଆବେଦନକାରୀଙ୍କୁ କହିଥିଲେ, ଏହା ଏକ ନୀତିଗତ ପ୍ରସଙ୍ଗ। ଏପରି ନିୟମ ପ୍ରଣୟନ ନେଇ ହସ୍ତକ୍ଷେପ କରିବା କୋର୍ଟଙ୍କର କାମ ନୁହେଁ ବୋଲି କହି ସିଜେଆଇ ଆବେଦନକୁ ଖାରଜ କରିଛନ୍ତି।

## ଦିଲ୍ଲୀ ବିମାନ ବନ୍ଦରରେ ସ୍ପାଇସଜେଟ୍ ଓ ଆକାଶ ଏୟାର ମଧ୍ୟରେ ଧକ୍କା: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ନୂଆଦିଲ୍ଲୀ,୧୬/୪ : ଦିଲ୍ଲୀ ବିମାନ ବନ୍ଦରରେ ଗୁରୁବାର ଅପରାହ୍ନ ପ୍ରାୟ ୨:୧୫ ସମୟରେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଅଳ୍ପକେ ବର୍ତ୍ତିଯାଇଛି, ସ୍ପାଇସଜେଟର ଏକ ବିମାନ ରନୱେରେ ଟ୍ୟାକ୍ସିଂ କରୁଥିବା ବେଳେ ସେଠାରେ ସ୍ଥିର ଛିଡ଼ା ହୋଇଥିବା ଆକାଶ ଏୟାରର ଏକ ବିମାନକୁ ଧକ୍କା ଦେଇଥିଲା। ଏହି ସାମାନ୍ୟ ଦୁର୍ଘଟଣାରେ ଉଭୟ ବିମାନ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସୌଭାଗ୍ୟବଶତଃ କୌଣସି ଯାତ୍ରୀ କିମ୍ୱା କ୍ରୁ ସଦସ୍ୟ ଆହତ ହୋଇନାହାନ୍ତି। ରିପୋର୍ଟ ଅନୁଯାୟୀ, ଲେହରୁ ଆସିଥିବା ସ୍ପାଇସଜେଟ୍ ବିମାନଟି ଗେଟ୍ ଆଡ଼କୁ ଯାଉଥିବା ବେଳେ ହାଇଦ୍ରାବାଦ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ଆକାଶ ଏୟାର ବିମାନ ସହ ଏହାର ଧକ୍କା ହୋଇଥିଲା, ଯାହାଫଳରେ ସ୍ପାଇସଜେଟ୍ର ଡାହାଣ ପଙ୍ଖ ଏବଂ ଆକାଶ ଏୟାରର ପଛ ଭାଗ କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣାରୁ ନେଇ ଏବେ ତଦନ୍ତ ଆରମ୍ଭ ହୋଇଛି।

◆◆ପୃଷ୍ଠା ୭

# ବୈତରଣୀରୁ ବେଧଡ଼କ ବାଲି ଚୋରା ଚାଲାଣ : ପ୍ରଶାସନର ନୀରବତାକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ, ୧୬/୦୪ (ନି.ପ୍ର): ଚମ୍ପୁଆ ବ୍ଲକ ଉଚ୍ଚବାଲି ଗ୍ରାମପଂଚାୟତ ଅନ୍ତର୍ଗତ ରେଙ୍ଗାଲ ଗୋଡା ଗ୍ରାମ ଦେଇ ବହିଯାଉଥିବା ପବିତ୍ର ବୈତରଣୀ ନଦୀ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ପ୍ରତ୍ୟେକ ଦିନ ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରାକ୍ଟର ସାହାଯ୍ୟରେ ବେଆଇନ ଭାବେ ବାଲି ଚୋରି ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଏହାକୁ ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ରେଙ୍ଗାଲ ଗୋଡାରେ ମାଫିଆମାନେ ଗ୍ରାମ୍ୟ ଜଙ୍ଗଲକୁ କାଟି ରାସ୍ତା କରି ନଦୀ ପଠାରେ ମେସିନ ସାହାଯ୍ୟରେ ପ୍ରାୟ ଦଶ ପନ୍ଦର ଫୁଟ ମାଟି କାଟି ନଦୀ ଭିତରକୁ ସୁଡ଼ଙ୍ଗ ରାସ୍ତା ନିର୍ମାଣ କରି ଚୋରା ବାଲି ଉଠାଉଛନ୍ତି। ଏହି ବାଲିକୁ ବିଭିନ୍ନ ଅଲଗା ଅଲଗା ସ୍ଥାନରେ ଗଚ୍ଛିତ କରି ରାତିରେ ହାଇୱା ଯୋଗେ ବାହାରକୁ ଚାଲାଣ କରୁଥିବା ଜଣାଯାଇଛି। ନଦୀପଠାରୁ କୌଣସି ଆଇନଗତ ଅନୁମତି ନଥାଇ ଦୈନିକ ବିପୁଳ ପରିମାଣର ବାଲି ଚୋରା ଚାଲାଣ କରାଯାଉଛି। ଅତ୍ୟଧିକ ବାଲି ଉତୋଳନ ଯୋଗୁଁ ନଦୀର ସ୍ୱାଭାବିକ ଗତିପଥ ପରିବର୍ତ୍ତନ ହେବାର ଆଶଙ୍କା ଦେଖାଦେଇଛି। ଜଳସ୍ତର କମି କମି ଯାଉଛି, ଫଳରେ କୃଷି କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଭାରୀଯାନ ଓ ଟ୍ରାକ୍ଟର ଚଳାଚଳ ଯୋଗୁଁ ଗ୍ରାମ୍ୟ ରାସ୍ତାଗୁଡ଼ିକ ଶୋଚନୀୟ ହୋଇପଡ଼ିଛି। ସରକାରୀ ନିୟମକୁ ବେଖାତିର କରି ବାଲି ମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ହରିଲୁଟ୍ କରୁଛନ୍ତି। ଏହି ବେଆଇନ କାରବାର ବିଷୟରେ ସ୍ଥାନୀୟ ଖଣି ବିଭାଗ, ତହସିଲ ଓ ପୋଲିସ ପ୍ରଶାସନ ଅବଗତ ଥାଇ ମଧ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ସରକାରଙ୍କ ନୀତି ନିୟମ ଅନୁସାରେ ଟେଣ୍ଡର ପ୍ରକିୟାରେ ସ୍ୱଚ୍ଛତାର ସହିତ ବାଲି ଉଠେଇବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ପ୍ରସ୍ତାବ ଦେବା ସହିତ ବେନିୟମ ଭାବେ ଚୋରା ବାଲି ଚାଲାଣରେ ରୋକ ଲଗାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିବା କୁହାଯାଉଛି। ଯଦି ତୁରନ୍ତ ଏହି ଚୋରା ବାଲି ଚାଲାଣ ବନ୍ଦ କରା ନଯାଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ, ପ୍ରଶାସନର ଏହି 'ଚୁପ୍' ରହିବା ପଛରେ ବାଲି ମାଫିଆଙ୍କ ସହ କୌଣସି ଅସାଧୁ ମଧୁଚନ୍ଦ୍ରିକା ଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗତ ଶନିବାର ରାତିରେ ରେଙ୍ଗାଲଗୋଡ଼ା ବଣସାହି (ଜଙ୍ଗଲ ସାହି )ରେ ଥିବା ଗ୍ରାମକୁ ସଂଯୋଗ ହୋଇଥିବା ଇଲେକ୍ଟ୍ରି ଖୁଂଟ ମାଫିଆଙ୍କ ହାଇୱା ଧକ୍କାରେ ଭାଙ୍ଗି ତଳେ ପଡିଯିବା ପରେ ଚବିଶ ଘଂଟା ଭିତରେ ବିଦ୍ୟୁତ ବିଭାଗ ପକ୍ଷରୁ ନୂଆ ଖୁଂଟ ପୋତି ତାର ଟାଣି ଦିଆଯାଇଛି। ଜଣେ ସାଧାରଣ ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ଖୁଂଟ କିମ୍ବା ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କଲେ ମାସ ମାସ ଅପେକ୍ଷା କରିବାକୁ ପଡୁଥିବା ବେଳେ ବାଲି ମାଫିଆ ବିଦ୍ୟୁତ ଖୁଂଟ ଭାଙ୍ଗି ଦେବା ପରେ ବିଦ୍ୟୁତ ବିଭାଗର ଏହି ତରବରିଆ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରେଙ୍ଗାଲଗୋଡା ବଣ ସାହି ବିଦ୍ୟୁତ ବିଭାଗର ତୁରୁମୁଙ୍ଗା ଡିଭିଜନରେ ଯାଉଥିବା ବେଳେ ଏବେ ଏହି ତୁରମୁଙ୍ଗା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଓ ବାଲି ମାଫିଆଙ୍କ ର ମଧ ସଲାସୁତରା ରହିଥିବା ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଜେଇଙ୍କୁ ଯୋଗାଯୋଗ କରିବାରୁ ଖୁଂଟ ଭାଙ୍ଗିଛି ବୋଲି ଖବର ପାଇବା ପରେ ସଙ୍ଗେ ସଙ୍ଗେ ଖୁଂଟ ପୋତି ବିଦ୍ୟୁତ ସଂଯୋଗ ଦିଆ ଯାଇଛି ବୋଲି କହିଥିଲେ। ତେବେ ନଦୀର ସୁରକ୍ଷା ଓ ସରକାରୀ ସମ୍ପତିର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## କରଞ୍ଜିଆରେ ଓଡିଶା ଗ୍ରାମୀଣ ବ୍ୟାଙ୍କର କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ଚମ୍ପୁଆ, ୧୬/୦୪ (ନି.ପ୍ର): ଚମ୍ପୁଆ ବ୍ଲକ କରଞ୍ଜିଆ ପଂଚାୟତ ଅନ୍ତର୍ଗତ କରଞ୍ଜିଆ ବସଷ୍ଟାଣ୍ଡ ସନ୍ନିକଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପଛପଟେ ଓଡିଶା ଗ୍ରାମୀଣ ବ୍ୟାଙ୍କର ନୂତନ କାର୍ଯ୍ୟାଳୟ ଗୃହ ସ୍ଥାନାନ୍ତରିତ ହୋଇ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଗ୍ରାମୀଣ ବ୍ୟାଙ୍କର ଆଂଚଳିକ ପରିଚାଳକ ସତ୍ୟବ୍ରତ ନନ୍ଦ, କରଞ୍ଜିଆ ସରପଂଚ ସୁପ୍ରିୟା ମୁଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଜନାର୍ଦ୍ଦନ ପ୍ରଧାନ ପ୍ରମୁଖ ଯୋଗଦେଇ ନୂତନ କାର୍ଯ୍ୟାଳୟ ଗୃହକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ କରଞ୍ଜିଆ ଓଡିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ରାକେଶ କୁମାର ମୁର୍ମୁ ପରିଚାଳନା କରିଥିଲେ। ଅତିଥିମାନେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମୁଦ୍ରା ସ୍କିମ, ସୂର୍ଯ୍ୟଘର ଯୋଜନା ସହିତ ଅଟଳ ପେନସନ ଯୋଜନା, ମହିଳା ସମୃଦ୍ଧି ଯୋଜନା ବିଷୟରେ ସଚେତନ ହୋଇ ତା'ର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ସଠିକ ସମୟରେ ଋଣ ଶୁଝି ସରକାରଙ୍କ ସବସିଡ଼ିର ଫାଇଦା ନେବାକୁ ମୁଖ୍ୟଅତିଥି ସ୍ମୃତି ରଞ୍ଜନ ସାହୁ ଅବଗତ କରାଇଥିଲେ। ଏହି ଅବସରରେ କରଞ୍ଜିଆର ମାତୃଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି ଓ କାଟୁଳିକନାର ଶକ୍ତି ମା 'ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ୧୦ ଲକ୍ଷ ଟଙ୍କାର ଲୋନ ସାଙ୍କସନର ପ୍ରମାଣ ପତ୍ର ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ କରଞ୍ଜିଆ ଗ୍ରାମୀଣ ବ୍ୟାଙ୍କର ସି.ଏସ.ଏ ଉର୍ଜ୍ଜଳ ସେଠୀ, ବାଦଲ, ଜୟସିଂହ ଆଦି ପରିଚାଳନାରେ ସହଯୋଗ କରିଥିଲେ।

## ସଂସ୍କୃତ ପରିଷଦ ବଲାଙ୍ଗିରର ବାର୍ଷିକ ଉତ୍ସବ

ବଲାଙ୍ଗିର, ୧୬/୦୪ (ନି.ପ୍ର): ନୃସିଂହ ମନ୍ଦିର ପରିସର ରେ ସଂସ୍କୃତ ପରିଷଦ ବଲାଙ୍ଗିର ର ବାର୍ଷିକ ଉତ୍ସବ ଆଇନଜିବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରାଣ ବଲ୍ଲଭ ତ୍ରିପାଠୀ ଦୀପ ପ୍ରଜ୍ଜଳନ କରି ହନୁମାନଜୀଙ୍କ ପୂଜା ପରେ ସାମୁହିକ ଭାବେ ହନୁମାନ ଚାଲିଶା ଗଠନ କରାଯାଇଥିଲା। ମୁଖ୍ୟବକ୍ତା ନବୀନ କୁମାର ବେଦବାକ ସଂକଟ ମୋଚନ ଅନୁମାନଙ୍କ ଜୀବନୀ ଓ ବିଭିନ୍ନ ଚରିତ୍ର ର ଦୃଷ୍ଟାନ୍ତ ଦେଇଥିଲେ। ସମ୍ପାଦକ ରାଜ କିଶୋର ପଣ୍ଡା ବିଷୁବ ସଂକ୍ରାନ୍ତି ଓ ଜନଜୀବନ ଉପରେ ଏହାର ପ୍ରଭାବ ନେଇ ମତ ପ୍ରକାଶ କରିଥିଲେ। ଏହି ଅଧିବେଶନରେ ବ୍ରଜ କିଶୋର ପଣ୍ଡା, ସିତାଂଶୁ ଶେଖର ନାୟକ, ପର୍ଶୁରାମ ନାୟକ, କେଶବ ଚନ୍ଦ୍ର ମିଶ୍ର, କିଶୋର ମୋହନ ମିଶ୍ର, ସଂକୀର୍ତ୍ତନ ତ୍ରିପାଠୀ ଅଂଶଗ୍ରହଣ କରି ନିଜସ୍ୱ ମତ ପ୍ରକାଶ କରିଥିଲେ। ଶେଷରେ ସଭାପତି ଙ୍କ ଭାଷଣ ପରେ ପର୍ଶୁରାମ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଙ୍ଗୁଲିଆ ବିସ୍ଥାପିତ କଲୋନୀରେ ମହାବିଷୁବ ସଂକ୍ରାନ୍ତି ପାଳିତ

ଚମ୍ପୁଆ, ୧୬/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ନାରଦପୁର ଗ୍ରାମପଂଚାୟତର ଆଙ୍ଗୁଲିଆ ବିସ୍ଥାପିତ କଲୋନୀରେ ମହାଆଡମ୍ବରରେ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ହିନ୍ଦୁ ରୀତିନୀତି ଅନୁଯାୟୀ ଗତ ୧୧ ତାରିଖରୁ ଯଥାବିଧି ମା'ବାସୁଳୀ, ବୁଢା ବାସୁଳୀ ଓ ଶୀଖେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜକ ଦୁଷ୍ମନ୍ତ ଦାସ ତଥା ଘଟୁଆଳ ଚିନ୍ତାମଣି କାଣ୍ଡି ଓ ଦୁଃଖବନ୍ଧୁ ନାଏକଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଖପାଖ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ତଥା ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା'ଙ୍କ ଆଶିଷ ଲାଭ କରିଥିବାର ଦେଖିଅବାକୁ ମିଳିଥିଲା। ଏହି ଅବସରରେ କମିଟି ଦ୍ୱାରା ବାଦୀ ପାଲା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ପ୍ରଥମ କରି ଚଇତି ପର୍ବ ବିସ୍ଥାପିତ କଲୋନୀରେ ଆୟୋଜିତ ହୋଇଥିବା ବେଳେ ପୂର୍ବେ ତାହା ପୁରୁଣା ଚମକପୁର ଗ୍ରାମରେ ଆୟୋଜିତ ହେଉଥିଲା। ଚଇତି ପର୍ବକୁ ମା ବାସୁଳୀ ମେଳା କମିଟିର ସଭାପତି ଲିଙ୍ଗରାଜ ନାଏକ, ସମ୍ପାଦକ ପୁରୁଷୋତମ ନାଏକ, ଅର୍ଜ୍ଜୁନ ଚରଣ ବେହେରା, ଅମର ନାଏକ, ଇଶ୍ୱର ନାଏକ, ଚୌଧୁରୀ ନାଏକ, ଭାଗବତ ନାଏକ, ଅକ୍ଷୟ ନାଏକ, ଧବଳେଶ୍ୱର ନାଏକ, ଦୁଷ୍ମନ୍ତ ବେହେରା, ବିକାଶ ନାଏକ, ଚିନ୍ମୟ ଦାସଙ୍କ ସହିତ ଗ୍ରାମବାସୀ ସଫଳତା ପୂର୍ବକ ଆୟୋଜନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ସମସ୍ତ ପୌରସଂସ୍ଥାରେ ଓସଓ୍ୱାସ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ 'ଓଡ଼ିଶା ସେକ୍ରେଟେରିଏଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍' (ଓସଓ୍ୱାସ) ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ଏହି ପଦକ୍ଷେପ ପାରମ୍ପରିକ କାଗଜପତ୍ର ଭିତିକ ପ୍ରଣାଳୀକୁ ପରିବର୍ତ୍ତନ କରି ଏକ ସମନ୍ୱିତ, ଦକ୍ଷ ଓ ସ୍ୱଚ୍ଛ ଡିଜିଟାଲ କାର୍ଯ୍ୟଧାରା ସ୍ଥାପନ କରିଛି। ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଏବଂ ୬୨ଟି ବିଜ୍ଞପ୍ତିତ ଅଂଚଳ ପରିଷଦରେ ଓସଓ୍ୱାସ ପ୍ଲାଟଫର୍ମ ଲାଗୁ ହୋଇଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର (ଓକାକ୍)ର ବୈଷୟିକ ସହଯୋଗ ଏବଂ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ଙ୍କ ସମର୍ଥନରେ ବିକଶିତ ଏହି ପ୍ଲାଟଫର୍ମ ସରକାରୀ ଫାଇଲ ପରିଚାଳନାକୁ ସମ୍ପୂର୍ଣ୍ଣ ଡିଜିଟାଲ କରିଛି। ଏହା ମାଧ୍ୟମରେ ଫାଇଲ ଗତିବିଧିର ରିଅଲ-ଟାଇମ୍ ଟ୍ରାକିଂ, ଦ୍ରୁତ ନିଷ୍ପତି ଏବଂ ସମୟବଦ୍ଧ ସେବା ପ୍ରଦାନ ସମ୍ଭବ ହୋଇପାରିଛି। ଏହି ସଂସ୍କାରର ଗୁରୁତ୍ୱ ଉଲ୍ଲେଖ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, "ଓସଓ୍ୱାସ ଆମ ସହରାଂଚଳ ପ୍ରଶାସନକୁ ଆଧୁନିକ ଏବଂ ଦକ୍ଷ କରିବାରେ ଏକ ମୁଖ୍ୟ ପଦକ୍ଷେପ। ଏହା ଦ୍ୱାରା ସ୍ୱଚ୍ଛତା, କ୍ଷିପ୍ରତା ଓ ଉତରଦାୟିତ୍ୱ ବଢ଼ିବା ସହ ନାଗରିକ ସେବାର ଗୁଣତ୍ୱ ଉନ୍ନତ ହେବ।" ପୂର୍ବରୁ ପୌର ପ୍ରଶାସନରେ ମାନୁଆଲ ଫାଇଲ ପରିଚାଳନା ଓ ଅସମନ୍ୱିତ କାର୍ଯ୍ୟଧାରା ଦ୍ୱାରା ବିଳମ୍ବ ଓ ଅକ୍ଷମତା ଦେଖାଯାଉଥିଲା। ଓସଓ୍ୱାସ ଏହି ସମସ୍ୟାର ସମାଧାନ କରି ଏକ ମାନକ ପ୍ରଣାଳୀ, ଡିଜିଟାଲ ଅଡିଟ୍ ଟ୍ରେଲ୍ ଏବଂ ସ୍ୱୟଂଚାଳିତ କାର୍ଯ୍ୟଧାରାକୁ ପ୍ରଚଳିତ କରିଛି, ଯାହା ଶାସନରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିଛି। ଏହି ପ୍ରକଳ୍ପକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇଥିଲା—ପ୍ରଥମେ ପ୍ରକ୍ରିୟା ଅଧ୍ୟୟନ, ପରେ ସିଷ୍ଟମ ଡିଜାଇନ୍, କ୍ଷମତା ବୃଦ୍ଧି ତାଲିମ ଏବଂ ପାଇଲଟ୍ ପରୀକ୍ଷା। ଏହାପରେ ରାଜ୍ୟବ୍ୟାପୀ ରୋଲଆଉଟ୍ ମାଧ୍ୟମରେ ସମସ୍ତ ପୌରସଂସ୍ଥାରେ ସଫଳ ଭାବେ ଏହାକୁ ଲାଗୁ କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି, "ଓସଓ୍ୱାସ କେବଳ ଏକ ଆଇଟି ପ୍ଲାଟଫର୍ମ ନୁହେଁ, ଏହା ଏକ ବ୍ୟାପକ ପ୍ରଶାସନିକ ସଂସ୍କାର। ଏହା ରିଅଲ-ଟାଇମ୍ ମନିଟରିଂ ଓ ତଥ୍ୟଭିତିକ ନିଷ୍ପତିକୁ ସମ୍ଭବ କରି ସେବା ପ୍ରଦାନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବ।

## ଉର୍ଜାବାନ ଓଡିଶା ପକ୍ଷରୁ ଟଙ୍କ ତୋରାଣି ବିତରଣ

ପୁରୀ, ୧୬/୦୪ (ନି.ପ୍ର):ପବିତ୍ର ପଣା ସଂକ୍ରାନ୍ତି ଉପଲକ୍ଷେ ପୁରୀର ଅଗ୍ରଣୀ ସାମାଜିକ ସଂଗଠନ ଉର୍ଜାବାନ ଓଡିଶା ତରଫରୁ ସ୍ଥାନୀୟ ଦଶାବତାର ମଠ ନିକଟରେ ଏକ ଟଙ୍କ ତୋରାଣି ବିତରଣ ଶିବିର ଉଦଘାଟିତ ହୋଇଯାଇଛି କ୍ଷ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଏବଂ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଇ -୨୪ ହସ୍ପିଟାଲ ର ପ୍ରତିଷ୍ଠାତା ଇଂ ରାଜେଶ କୁମାର ମିଶ୍ରଙ୍କ କରକମଳରେ ଉଦଘାଟିତ ହୋଇଯାଇଛି।

## ଦ ବେଲର ପ୍ରତିଷ୍ଠା ଦିବସ ପାଳିତ

ପୁରୀ, ୧୬/୦୪ (ନି.ପ୍ର): ପବିତ୍ର ପଣା ସଂକ୍ରାନ୍ତି ଅବସରରେ ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମୁଖ୍ୟ ଦ ବେଲ୍ ର ୫ମ ପ୍ରତିଷ୍ଠା ଦିବସ ପାଳିତ ହେଇଯାଇଛି। ଏହି ଅବସରରେ ଅନୁଷ୍ଠାନ ତରଫରୁ ଏକ ସୁରକ୍ଷିତ ପରିବେଶ ପାଇଁ ଆମେ ସମସ୍ତେ ଶୀର୍ଷକ ଏକ ସଚେତନତା ମୂଳକ ଇ ପୋଷ୍ଟର୍ ର ଉନ୍ମୋଚିତ ହୋଇଥିଲା। ଭାରତ ଯୋଗକେନ୍ଦ୍ର ପରିସରରେ ଥିବା ଏକଲବ୍ୟ ପାଠଶାଳା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ତରଫରୁ ଫଳ,କେକ ,ପଣା ଓ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ଅଧକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ , ଦ ବେଲ୍ ଓମେନସ୍ କ୍ଲବ ,ୟୁଥ୍ କ୍ଲବ , ସିନିୟାର ସିଟିଜେନ୍ସ କ୍ଲବ ସଦସ୍ୟ ସଦସ୍ୟା ସହିତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଯୋଗ ଦେଇ ଥିଲେ।କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ରାଜ କିଶୋର ପାତ୍ର ଓ ସୁକାନ୍ତ କୁମାର ପଣ୍ଡା ପରିଚାଳନା କରିଥିଲା ବେଳେ ,ଏକଲବ୍ୟ ଅନୁଷ୍ଠାନ ମୁଖ୍ୟ ପରିଚାଳକ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ଗୁଡଭେଲାରେ ମହାବିଷୁବ ମିଳନ ଅନୁଷ୍ଠିତ

ବଲାଙ୍ଗୀର, ୧୬/୦୪ (ନି.ପ୍ର): ସମ୍ବାଦ ସାହିତ୍ୟ ଘର, ଗୁଡଭେଲା ଆନୁକୂଲ୍ୟରେ ସମ୍ଭବ କଲେଜ ଧାନଘରା ଠାରେ ମହା ବିଷୁବ ମିଳନ ୨୦୨୬ ସଭାପତି ଡ. ଶ୍ୟାମସୁନ୍ଦର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ସୁଧାଂଶୁ ଭୁଷଣ ମେହେର ଯୁବପିଢ଼ି ପିତାମାତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ସେ ଆହୁରି କହିଥିଲେ ଯେ, 'ଦୂର ବନ୍ଧୁ ସହ ସମ୍ପର୍କ ଯୋଡିବାକୁ ଯାଇ ପାଖ ସମ୍ପର୍କୀୟଙ୍କୁ ଭୁଲିଯିବା ଉଚିତ ନୁହେଁ।' ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଧାତ୍ମିକ ପ୍ରବଚକ ଡମ୍ବରୁ ଧର ରଣା ଯୋଗଦେଇ ମାଁ ଓ ମାଟି ପ୍ରତି ମମତା ସର୍ବଦା ଅତୁଟ ରହିବା ଉଚିତ ବୋଲି କହିଥିଲେ। ସମ୍ମାନିତ ବକ୍ତାଭାବେ ବିଶିଷ୍ଟ କବି ବରୁଣ କୁମାର ସାହୁ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସୁଧାକର ପ୍ରଧାନ ଯୋଗ ଦେଇଥିଲେ। ସଂପାଦକ ଆଶୁକବି ଡ. ହେମନ୍ତ କୁମାର ଦାଶ ମଂଚ ସଂଚାଳନ କରିଥିଲେ ଓ ଶିକ୍ଷକ ରମେଶ ଚନ୍ଦ୍ର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ କଲେଜର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। କଲେଜର ଚେୟାରମେନ ତଥା ଏମ୍.ଡି ସୁମନ୍ତ ରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଂଚୀୟ କାର୍ଯ୍ୟକ୍ରମ ପରେ କବୟିତ୍ରୀ ତୃପ୍ତିମୟୀ ତ୍ରିପାଠୀ, ବବିତା ନାୟକ, ହୀରାବତୀ ସାହୁ, ରେଣୁକା ସାହୁ, ନିହାରିକା ନନ୍ଦ ତଥା କବି ଦେବେନ୍ଦ୍ର କୁମାର ଭୋଇ, ସୁବଳ ସାହୁ, ପିତାମ୍ବର ସା, ପ୍ରହଲ୍ଲାଦ ଦଣ୍ଡସେନା, ପ୍ରକାଶ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ସନ୍ତୋଷ କୁମାର ବେହେରା, ଭକ୍ତବନ୍ଧୁ ସାହୁ, ଦେବାଶିଷ ମହାପାତ୍ର, ନିବେଦିତା ମହାପାତ୍ର, ସୁଶୀଳ କୁମାର ଦାଶ, ଜ୍ୟୋତିରଞ୍ଜନ ପ୍ରଧାନ, ରାକେଶ ବାରିକ, ରୁଦ୍ର ନାରାୟଣ ରଣା, ବିଶ୍ୱରଞ୍ଜନ ରାଉତ, ବୁଦ୍ଧଦେବ ପ୍ରଧାନ, ବିଶ୍ୱଜିତ ପଣ୍ଡା ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଯୋଜକ ଅରବିନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଭୁବନ, ୧୬/୦୪ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଚଡେଇରଗଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିରାଶାଳ କ୍ଲଷ୍ଟରର ସିଆରସିସି ସୁଶୀଲ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିରାଶାଳ ସରପଂଚ ଶ୍ରୀମତୀ ରୁକ୍ମିଣୀ ସେଠୀ ମୁଖ୍ୟ ଅତିଥି, ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ଭୁବନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମିନତୀ ଦେହୁରୀ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ବି.ଆର.ଟି ପରେଶ କୁମାର ରାଉତ, ବିଦ୍ୟାଳୟର ପୂର୍ବତନ ସଭାପତି ଧୀରେନ୍ଦ୍ର ମହାନ୍ତ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ, ପଂଚସଖା ଶିକ୍ଷା ସେତୁ ସଭାପତି ବାଇଧର ମହାନ୍ତ, ପରିଚାଳନା କମିଟି ସଭାପତି ସାଲମୋହନ କାଣ୍ଡୁଲନା, ଟାଟା ଷ୍ଟିଲ ଫାଉଣ୍ଡେସନର ସି ପିଏମ୍ ଉପେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଭଲ ପାଠ ପଢି କେବଳ ଭଲ ଦରମା ନୁହେଁ ଭଲ ନାଗରିକ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ପଣ୍ଡା, ପରିଚାଳନା କମିଟି ସଦସ୍ୟ ପ୍ରଦୀପ ଦେହୁରୀ, ସଭ୍ୟା ଉମାରାଣୀ ମହାନ୍ତ, ସୁଷମା ଦେହୁରୀ, କୁନ୍ତଳା ଦେହୁରୀ, ମାଳତୀ ଦେହୁରୀ, ସବିତା ମହାନ୍ତ, ଚନ୍ଦ୍ରାବତୀ ପାତ୍ର, ମାହି ମାରାଣ୍ଡି, ଜହ୍ନ ଦେହୁରୀ, ଶକୁନ୍ତଳା ମହାନ୍ତ, ଜୟମୁନୀ ଦେହୁରୀ, ବବିତା ସିଂ, ବାଲ୍ମିକୀ ବାରିକ ଜଲି ମହାନ୍ତ, ନିରୁପମା ଦେହୁରୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗୀର, ୧୬/୦୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଠାରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧକ୍ଷ ପ୍ରତାପ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ଶ୍ରୀମତୀ ଗାୟତ୍ରୀ ସରାଫ, ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ, ବିଶିଷ୍ଟ ସାହିତ୍ୟିକ ତୁଳସୀ ଜୈନ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଶ୍ୟାମ ଭୋଇ ଏବଂ ଏହି ସଭାର ସଂଯୋଜକ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ.ସୁଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଆ ଭାଷାର ପ୍ରାଚୀନତା ଠାରୁ ଆରମ୍ଭ କରି ବରପୁତ୍ରମାନଙ୍କ ଅମର ଗାଥା ସମ୍ପର୍କରେ ବର୍ଣ୍ଣନା କରିବା ସହ ଓଡ଼ିଶାର ସେହି ବରପୁତ୍ରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାଶେଷରେ ଗବେଷକ ଛାତ୍ର ସୋମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସିଜିମାଳି ଅଂଚଳରେ ସ୍ଥିତି ଅନୁଧ୍ୟାନ କଲା ବିଜେପିର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଅଂଚଳ ଗସ୍ତ କରି ସେଠାରେ ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିଛି। ଗତ ସରକାର ସମୟରେ ସେଠାରେ ଥିବା ଖଣି ଲିଜ୍ ପ୍ରଦାନ କରାଯାଇଥିଲା। ଲିଜ ପ୍ରକ୍ରିୟାରେ ଅନେକ ଆଇନଗତ ତୃଟି ଅଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସେହି କାରଣକୁ ଦର୍ଶାଇ ଖଣି ଅଂଚଳରେ ରାସ୍ତା ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଖଣିକୁ ନେଇ ବହୁତ ଲୋକ ଭିନ୍ନ ଭିନ୍ନ କଥା ହେବା କାରଣରୁ ଏବଂ ଓ ବିଭିନ୍ନ ରାଜନୈତିକ ଦଳର ବିଭ୍ରାନ୍ତକାରୀ ମନ୍ତବ୍ୟ କାରଣରୁ ସ୍ଥାନୀୟ ବାସିନ୍ଦାଙ୍କ ମନ ଭିତରେ ଭୟ ସୃଷ୍ଟି ହୋଇଛି। ଆଜି ଆଲୋଚନା ସମୟରେ ସ୍ଥାନୀୟ ବାସିନ୍ଦା ଏବଂ ଆନ୍ଦୋଳନକାରୀ ଦାବୀ ପତ୍ର ଜରିଆରେ ପ୍ରତିନିଧିଦଳକୁ ଅଭିଯୋଗ କରିଛନ୍ତି। ସିଜିମାଳିବାସୀଙ୍କ ପ୍ରତି ବିଗତ ଦିନରେ ଯେଉଁ ଅନ୍ୟାୟ ଓ ଅତ୍ୟାଚାରର ଅଭିଯୋଗ ଆସିଛି, ତାର ସମାଧାନ ନିଶ୍ଚିତ ହେବ। କାହା ପ୍ରତି କୌଣସି ଅନ୍ୟାୟ ହେବ ନାହିଁ। ଆମେ ସ୍ଥାନୀୟ ବାସିନ୍ଦାଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛୁ। ଏଥି ସହ ସ୍ଥାନୀୟ ପୋଲିସ, ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ସହ ମଧ ବିସ୍ତୃତ ଆଲୋଚନା କରିଛୁ। ବାସ୍ତବ ସ୍ଥିତି ଏବଂ ସ୍ଥାନୀୟ ବାସିଙ୍କ ସହ ହୋଇଥିବା ଆଲୋଚନା ସଂପର୍କରେ ଆମେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କୁ ଅବଗତ କରିବୁ ବୋଲି ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ନବରଙ୍ଗପୁର ସାଂସଦ ଶ୍ରୀ ବଳଭଦ୍ର ମାଝୀ କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଧାୟକ ରଘୁରାମ ମାଛ, ରୂପୁ ଭତ୍ରା, ସୁଧୀର ପାଟ୍ଟଯୋଶୀ; ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ଓ କୈଳାଶ କୁଲେଶିକା; କୋରାପୁଟ ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ରାଜ୍ୟ ସାଧାରଣ ସଂପାଦିକା ପୂର୍ଣ୍ଣିମା ନାୟକ, ରାୟଗଡା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ରାୟଗଡା ଜିଲ୍ଲା ପୂର୍ବତନ ସଭାପତି ଶିବ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ପ୍ରଧାନଙ୍କ ସମେତ ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟଠାରେ ରକ୍ତଦାନ ଶିବିର

ଝାରସୁଗୁଡା, ୧୬/୦୪ (ନି.ପ୍ର): ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ କଲେଜ ଅଧକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ସାହୁ ଓ ଜିଲ୍ଲା ରେଡକ୍ରସ ସଂଯୋଜକ କୁଳାବିରା କଲେଜର ଅଧାପକ ସୁରେନ ପ୍ରଧାନ ଯୁଗ୍ମ ଭାବରେ ଉଦଘାଟନ କରିଥିଲେ ଏବଂ ରକ୍ତଦାନ କ୍ଷେତ୍ରରେ ରକ୍ତଦାତା ମାନଙ୍କର ମହନୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଅଧିକାରୀ ଡ. ମନୀଷ କୁମାର ଦ୍ୱିବେଦୀ ଏବଂ ଡ.ଦୀପଶିଖା ସୋହେଲା, ଜାତୀୟ ସେବା ଯୋଜନା ଜିଲା ମୁଖ୍ୟ ଅଧିକାରୀ ଡ. ଲାଲଧାରୀ ସିଂହ, ଏବଂ ସହ କାର୍ଯ୍ୟକ୍ରମ ଅଧିକାରୀ ଡ. ପଦ୍ମନାଭ ପ୍ରଧାନ,ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଡ. ଦେବୀପ୍ରସାଦ ଯାଦବ ବେହେରା ଏବଂ ଡ. ଉଦ୍ଧବ ବିଶ୍ୱାଳ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତଭଣ୍ଡାରର ମୁଖ୍ୟ ଡ. ଶିଳାବନ୍ତି ଯୋଯୋ ଏବଂ ତାଙ୍କ ସହଯୋଗୀ ମାନେ ରକ୍ତ ସଂଗ୍ରହ ପାଇଁ ସାହାଯ୍ୟ କରିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ, ପ୍ରାଧ୍ୟାପକ ତପନ କୁମାର ବାରିକ,ଅଧ୍ୟାପକ ଡ. ପଦ୍ମନାଭ ପ୍ରଧାନ, ଅଧ୍ୟାପକ ରବିବିଶ୍ୱାଳ, ଡ. ପୂର୍ଣ୍ଣିମାମୟୀ ଦାଶ, ଡ. ସ୍ୱର୍ଣ୍ଣମୟୀ ଦାଶ, ଅଧ୍ୟାପକ ତପନ ସାହୁ, ଅଧ୍ୟାପିକା ପରିସୀମା ଭୋଇ, ସ୍ୱାତି ଶର୍ମା, ରୋଜିସ୍ମିତା ମାଝୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ଡକାୟତ ଗ୍ୟାଙ୍ଗ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ: ଜଣେ ଆହତ

ମାଲକାନଗିରି , ୧୬/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ଏମଭି-୭୯ ଥାନା ଅନ୍ତର୍ଗତ ତାମନପାଲୀ ପାହାଡ଼ ନିକଟରେ ଗତକାଲି ରାତିରେ ଅଭାବନୀୟ ଘଟଣା ଘଟିଛି। ଛେଳି ଚୋରିକୁ ନେଇ ଡକାୟତ ଗ୍ୟାଙ୍ଗ ଓ ଗ୍ରାମବାସୀ ଙ୍କ ମଧ୍ୟରେ ମୁହାଁମୁହିଁ। ଡକାୟତ ଗ୍ୟାଙ୍ଗ ବନ୍ଧୁକ ଚାଳନା କରିବାରୁ ଜଣେ ଗ୍ରାମବାସୀଙ୍କ ହାତରେ ଗୁଳି ବାଜିବାରୁ ଆହତ ହୋଇଛନ୍ତି। ସୂଚନା ଅନୁସାରେ,୫ଜଣିଆ ଡକାୟତ ଗ୍ୟାଙ୍ଗ ପଡିଆ ଅଞ୍ଚଳରୁ କିଛି ଛେଳି ଚୋରି କରି ଆଣିବା ସମୟରେ ଗ୍ରାମବାସୀମାନେ ଜାଣି ପାରି ଡକାୟତଙ୍କ ପିଛା କରିଥିଲେ। ଡକାୟତମାନେ ତାମନପାଲୀ ପାହାଡ଼ ନିକଟରେ ଛେଳିମାନଙ୍କୁ ଲୁଚାଇ ରଖିଥିବା ବେଳେ ଗ୍ରାମବାସୀଙ୍କ ସହିତ ଡକାୟତ ଗ୍ୟାଙ୍ଗ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଡକାୟତମାନେ ଗ୍ରାମବାସୀଙ୍କ ଉପରକୁ ଗୁଳି ଚଳାଇଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଦୁଇଜଣ ଡକାୟତଙ୍କୁ କାବୁ କରିଥିଲେ ଗ୍ରାମବାସୀ। ଘଟଣାସ୍ଥଳରୁ ୩ ଜଣ ଡକାୟତ ଖସିଯିବାରେ ସଫଳ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଏମଭି-୭୯ ପୁଲିସ ପହଞ୍ଚି ଦୁଇଜଣ ଡକାୟତ ଯତଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି ଦୁଇଜଣ ଡକାୟତଙ୍କ ନାମରେ ପୂର୍ବରୁ ଅନେ ମାମଲା ରହିଥିବା ସୂଚନା ମିଳିଛି !ଆହତ ଗ୍ରାମବାସୀ ଓ ଡକାୟତ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି ହୋଇଥିବା ଜଣାପଡିଛି !

## ଜାଣନ୍ତୁ ଅଣ୍ଡାକୁ କାହିଁକି ବି୧୨ର ଅଂଶ ଭାବେ ବିବେଚନା କରାଯାଏ



ଅଣ୍ଡା ପ୍ରାଚୀନ କାଳରୁ ଖାଦ୍ୟର ଏକ ଅଂଶ ହୋଇଆସିଛି । ଏହା ଶିଶୁଙ୍କ ପୁଷ୍ଟିକର ଆବଶ୍ୟକତା ପୂରଣ କରିବାରେ ଏକ ମୂଲ୍ୟବାନ ଅବଦାନ ଅଟେ। ଅଣ୍ଡାରେ ୧୭ଟି ବିଭିନ୍ନ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ସହିତ ପୁଷ୍ଟିକର ତତ୍ତ୍ୱ ରହିଥାଏ । ଅଣ୍ଡା କେବଳ ପ୍ରାତଃଭୋଜନର ଏକ ମୁଖ୍ୟ ଖାଦ୍ୟ ନୁହେଁ , ବରଂ ପୁଷ୍ଟିକର ପଦାର୍ଥର ମଧ୍ୟ ଏକ ଭଣ୍ଡାର। ବଢୁଥିବା ପିଲାଙ୍କ ପାଇଁ ଯେଉଁ ପୋଷକ ତତ୍ତ୍ୱ ଆବଶ୍ୟକ ହୋଇଥାଏ ତାହା ଅଣ୍ଡାରୁ ସହଜରେ ମିଳିଥାଏ । ଏହି କାରଣରୁ ଡାକ୍ତର ଏବଂ ବିଶେଷଜ୍ଞମାନେ ସବୁବେଳେ ପିଲାମାନଙ୍କ ଖାଦ୍ୟରେ ଅଣ୍ଡାକୁ ଖାଇବାକୁ କହିଥାଆନ୍ତି । ଏଗୁଡ଼ିକ ସେମାନଙ୍କ ମସ୍ତିଷ୍କ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଅଣ୍ଡା କୋଲାଇନ୍‌ର ସର୍ବୋତ୍ତମ ଉତ୍ସ ଅଟେ। ଏହି ପୁଷ୍ଟିକର ପୋଷକ ତତ୍ତ୍ୱ ଶରୀରକୁ ଆସିଟେଲକୋଲାଇନ୍ ତିଆରି କରିବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କ ରାସାୟନିକ ପଦାର୍ଥ ଅଟେ। କୋଲାଇନ୍ ଶିଶୁଙ୍କ ଶରୀରରେ ନୂତନ ନ୍ୟୁରୋଟ୍ରାନ୍ସମିଟର ଗଠନ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଯାହା ଶିଶୁଙ୍କ ବୌଦ୍ଧିକ ଶକ୍ତିକୁ ବଢାଇଥାଏ । ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ଅଣ୍ଡାରେ ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ରହିଥାଏ। ଯାହା ଶିଶୁଙ୍କ ଆଖିକୁ ସୁରକ୍ଷା ଦେବାସହ, କ୍ଷତିକାରକ ନୀଳ ଆଲୋକରୁ ରକ୍ଷା କରିଥାଏ। ଏକ ଗବେଷଣାରୁ ଜଣାପଡିଛି ଯେ, ଲ୍ୟୁଟିନ୍ ଏବଂ ଜିଆକ୍ସାନ୍ଥିନର ଅଧିକ ସେବନ ବୟସ୍କମାନଙ୍କ ମଧ୍ୟରେ ସ୍ମୃତି ଶକ୍ତି ସମସ୍ୟା ଦୂର କରିଥାଏ। ଏହି ପୋଷକ ତତ୍ତ୍ୱଗୁଡ଼ିକ ଯୁବବର୍ଗଙ୍କ ମସ୍ତିଷ୍କ କାର୍ଯ୍ୟଦକ୍ଷତାକୁ ମଧ୍ୟ ବିକଶିତ କରିଥାଏ ।

ପ୍ରୋଟିନ୍ : ଅଣ୍ଡାରେ ଥିବା ଉଚ୍ଚମାନର ପ୍ରୋଟିନ୍ ଶିଶୁଙ୍କ ମାଂସପେଶୀ ଏବଂ ହାଡ଼ ବିକାଶଠାରୁ ଆରମ୍ଭ କରି ଜ୍ଞାନାତ୍ମକ କାର୍ଯ୍ୟକୁ ବିକଶିତ କରେ। ଯେଉଁ ପିଲାମାନେ ଅଣ୍ଡା ଯୁକ୍ତ ଜଳଖିଆ ଭଳି ଅଧିକ ପ୍ରୋଟିନ୍ ଯୁକ୍ତ ଜଳଖିଆ ଖାଆନ୍ତି, ସେମାନେ ଅଧିକ ସମୟ ପାଇଁ ପେଟ ପୁରିଲା ଭଳି ଅନୁଭବ କରିପାରନ୍ତି।

ଭିଟାମିନ୍ ବି୧୨: ଅଣ୍ଡାକୁ ଇ୧୨ର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ । ଏହା ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିଥାଏ। ଦୁଇଟି ଅଣ୍ଡା ଶରୀରକୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ଭିଟାମିନ୍ ଇ୧୨ ଯୋଗାଇଥାଏ।

## ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ: ତେଣୁ ଏବେଠୁ ସାବଧାନ

**ପୁରୁଷ ଓ ମହିଳାଙ୍କ ଶରୀର ଅନେକ କ୍ଷେତ୍ରରେ ଅଲଗା, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଭିନ୍ନ ହୋଇପାରେ। ରୋଗ ଯେତେ ଦୂର, ଏହି ଉଭୟ ଲିଙ୍ଗଙ୍କୁ ନିଜ ନିଜ ଉପାୟରେ ସତର୍କ ରହିବାକୁ ପଡିବ ନଚେତ୍ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହୋଇପାରେ। ତଥାପି, କେତେକ ରୋଗ ଏପରି ଯେ ପୁରୁଷଙ୍କ ଅପେକ୍ଷା ପୁରୁଷମାନେ ଅଧିକ ପ୍ରଭାବିତ ହୁଅନ୍ତି। ଆସନ୍ତୁ ଆଜି ସେଗୁଡ଼ିକ ଉପରେ ନଜର ପକାଇବା।**

ଉଦାସୀନତା: ସାଧାରଣତଃ ବିଶ୍ୱାସ କରାଯାଏ ଯେ ମହିଳାମାନେ ଭାବପ୍ରବଣ ଅଟନ୍ତି, କିନ୍ତୁ ଉଦାସୀନତାର ସମସ୍ୟା ସେମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ। ଏହାର କାରଣ ହେଉଛି ମହିଳାମାନେ ସେମାନଙ୍କର ସମସ୍ୟାକୁ ଅଧିକ ପ୍ରକାଶ କରୁଥିବାବେଳେ ପୁରୁଷମାନେ ସେମାନଙ୍କର ଭାବନାକୁ ଲୁଚାନ୍ତି, ଯେଉଁଥିପାଇଁ ସେମାନେ ଭିତରକୁ ଚାପି ହୋଇଯାଆନ୍ତି। ଏହା ଭଲ ଯେ ଯେତେବେଳେ ବି ତୁମେ ବିରକ୍ତ ହୁଅ, ତେବେ ନିଶ୍ଚିତ ଭାବରେ ତୁମର ଘନିଷ୍ଠ ବ୍ୟକ୍ତିଙ୍କ ସହିତ ଏହି ବିଷୟ ସେୟାର କରନ୍ତୁ, ଏହା ଟେନସନ ଏବଂ ଚାପକୁ ଦୂର କରିପାରିବ।

ହୃଦ୍ ?ରୋଗ: ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକାଂଶ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଅଧିକ ଥାଏ, କାରଣ ପୁରୁଷମାନେ ଅଧିକ କୋଲେଷ୍ଟ୍ରଲ୍ ସ୍ତର ଦ୍ୱାରା ଅଧିକ ଅସୁବିଧାରେ ପଡ଼ନ୍ତି, ତେଣୁ ସମୟ ସମୟରେ ଆପଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ।

ମଧୁମେହ: ପୁରୁଷଙ୍କ ତୁଳନାରେ ପୁରୁଷମାନେ ଅଧିକ ତେଲିଆ ଜିନିଷ ଖାଇଥା'ନ୍ତି, ଯେଉଁ କାରଣରୁ ସେମାନଙ୍କର କୋଲେଷ୍ଟ୍ରଲ ସ୍ତର ବଢିଯାଏ ଯାହା ପରେ ମଧୁମେହର କାରଣ ହୋଇଯାଏ। ସେଥିପାଇଁ ଏହା ଜରୁରୀ ଯେ ଆପଣ କେବଳ ସୁସ୍ଥ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ଭାବରେ ରକ୍ତରେ ଶର୍କରା ସ୍ତର ଯାଞ୍ଚ କରନ୍ତୁ।

ଯକୃତ ରୋଗ: ଯଦି ଆପଣ ଏହାକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ମଦ୍ୟପାନର ନିଶା ଅଧିକ ଦେଖାଯାଏ, ଯେଉଁଥିପାଇଁ ସେମାନଙ୍କର ଯକୃତ ଅଧିକ ପ୍ରଭାବିତ ହୁଏ ଏବଂ ଏହି ଅଙ୍ଗ ସମ୍ବନ୍ଧୀୟ ରୋଗର ଆଶଙ୍କା ବଢିଯାଏ।



ଫୁସଫୁସ ରୋଗ: ପ୍ରାୟତଃ ଆପଣ ନିଶ୍ଚିତ ଭାବରେ ଦେଖିଥିବେ ଯେ ପୁରୁଷମାନେ ମହିଳାଙ୍କ ଅପେକ୍ଷା ଅଧିକ ଧୂମପାନ କରନ୍ତି ଏବଂ ଘରୁ ବାହାରକୁ ଯିବା କାରଣରୁ ସେମାନେ ଧୂଳି ଏବଂ ପ୍ରଦୂଷଣର ଶିକାର ହୁଅନ୍ତି, ଏପରି ପରିସ୍ଥିତିରେ ପୁରୁଷମାନେ ମଧ୍ୟ ଫୁସଫୁସ ରୋଗରେ ଆକ୍ରାନ୍ତ ହୁଅନ୍ତି।

## ରାତିରେ କ୍ଷୀର ବଦଳରେ ପିଅନ୍ତୁ ଏହି ଡ୍ରିଙ୍କ୍: ଶୀଘ୍ର ହ୍ରାସ ପାଇବ ଓଜନ

**ଗ୍ରୀନ୍ ଟି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଓଜନ ହ୍ରାସ କରିବାରେ ଏହା ବହୁତ ଉପଯୋଗୀ । ଯଦି କାହାରି ଓଜନ ବଢ଼ିଯାଉଛି, ତେବେ ସେମାନେ ଗ୍ରୀନ୍ ଟି ସେବନ କରିପାରିବେ । ଗ୍ରୀନ୍ ଟି ପିଇବା ଦ୍ୱାରା ଓଜନ ନିୟନ୍ତ୍ରଣ ହୋଇଥାଏ । ଯଦି ଗ୍ରୀନ୍ ଟି ସଠିକ୍ ଭାବରେ ବ୍ୟବହୃତ ହୁଏ, ଓଜନ ହ୍ରାସ କରିବାରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ**





**ହୁଏ । ଏହାର ପ୍ରତିକାର ପାଇଁ ସଠିକ୍ ଉପାୟ ବିଷୟରେ ଆସନ୍ତୁ ଜାଣିବା...**

କେବେ ଗ୍ରୀନ୍ ଟି ପିଇବା ଉଚିତ୍ :

ଗ୍ରୀନ୍ ଟି'ର ଉପଯୁକ୍ତ ଲାଭ ପାଇବାକୁ ହେଲେ ରାତିରେ ଏହାର ସେବନ କରିବା ଉଚିତ୍ । ରାତ୍ରୀ ଭୋଜନ ପରେ ଗ୍ରୀନ୍ ଟି ପିଇବା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ରାତ୍ରି ଭୋଜନ କରିବାର ପ୍ରାୟ ୧ ରୁ ୧.୫ ଘଣ୍ଟା ପରେ ଏହାକୁ ପିଅନ୍ତୁ । ଏହା ପରେ କିଛି ଖାଇବା ଉଚିତ୍ ନୁହେଁ । ଏହାର ନିୟମିତ ବ୍ୟବହାର ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିବ ।

ଗ୍ରୀନ୍ ଟି ତିଆରି କରିବା ପାଇଁ ଏକ କପ୍ ପାଣିକୁ ସସପେନରେ ପୂରାଇ ଫୁଟାନ୍ତୁ । ଏହାପରେ ଫୁଟୁଥିବା ପାଣିରେ ପାଉଡର କିମ୍ବା ଗ୍ରୀନ୍ ଟି ପତ୍ର ମିଶାନ୍ତୁ । ଏହାକୁ ପ୍ରାୟ ୩ରୁ ୪ ମିନିଟ୍ ଫୁଟାଇବା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ବର୍ତ୍ତମାନ ଏହି ଟି'କୁ ଛାଣି ଦିଅନ୍ତୁ । ରାତ୍ରୀ ଭୋଜନ ପରେ ଆପଣ ଏହାକୁ ବ୍ୟବହାର କରିପାରିବେ ।

ଗ୍ରୀନ୍ ଟି କିପରି କାମ କରେ ?

କଫିନ୍ ଏବଂ କ୍ୟାଟେଚିନ୍ ନାମକ ଉପାଦାନ ଗ୍ରୀନ୍ ଟିରେ ମିଳିଥାଏ, ଯାହା ମେଟାବୋଲିଜିମ୍ କୁ ବୁଷ୍ଟ କରିଥାଏ । ଯାହା ଆପଣଙ୍କ ଚର୍ବି କମାଇବାରେ ସାହାଯ୍ୟ କରେ । ଗ୍ରୀନ୍ ଟି'ରୁ ଓଜନ ହ୍ରାସ କରେ ପାଇବା ସହ ଶରୀରର ମାସ ଇଣ୍ଡେକ୍ସ ମଧ୍ୟ ହ୍ରାସ ପାଏ । ଏହା ଶରୀରର ଶକ୍ତି ମଧ୍ୟ ବଢ଼ାଇଥାଏ

## ସବୁକଥା ବନ୍ଧୁଙ୍କୁ କହିବେନି



ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।

## ସକାଳୁ ସକାଳୁ ଭୁଲରେ କରନ୍ତୁନି ୩ଟି କାମ : ନହେଲେ ଦିନସାରା ଗ୍ୟାସ୍ ସମସ୍ୟାରେ ଘାଣ୍ଟିହେବେ

ସକାଳ ସମୟ ହିଁ ଆପଣଙ୍କ ପୂରା ଦିନ ପାଇଁ ଫୁର୍ତ୍ତି ଏବଂ ମୁଡ୍ ସେଟ୍ କରିଥାଏ । ହେଲେ ଏ ସକାଳ ଟା ଯଦି ଖରାପ ଯାଏ ତାହେଲେ ପୂରା ଦିନ ଖରାପ ହୋଇଯିବ । ଆପଣଙ୍କ ସକାଳର ଅଭ୍ୟାସ ଉପରେ ଆପଣଙ୍କର ଦିନଟା ନିର୍ଭର କରେ । ଅନେକ ସମୟରେ ଜାଣତରେ ହେଉ ବା ଅଜାଣତରେ ଆମେ ଏପରି କିଛି କରୁ ଯାହା ଦିନଟା ଖରାପ କରିଦିଏ । ହେଲଥ କୋଚ୍ ଉର୍ବଶୀ ଅଗ୍ରୱାଲଙ୍କ କହିବା ଅନୁସାରେ, ସକାଳର ୩ଟି ଅଭ୍ୟାସ ପୂରା ଦିନ ଉପରେ ପ୍ରଭାବ ପକାଏ ।

ସକାଳ ଖରା : ଆଜିକା ଦିନରେ ଦେଖିବାକୁ ମିଳୁଛି ଅନେକ ରାତିରେ ଡେରିରେ ଶୋଇବା ସହ ସକାରେ ଡେରିରେ ଉଠୁଛନ୍ତି । ଆଉ ଯଦି ବି ଶୀଘ୍ର ଉଠୁଛନ୍ତି, ମୋବାଇଲରେ ଲାଗିଯାଉଛନ୍ତି , ଚ୍ୟାଟ୍ କରିବା ,ମେସେଜ୍ ଚେକ୍ କରିବାରେ ସମୟ ଚାଲିଯାଉଛି । ସକାଳର ଖରା ସେମାନଙ୍କ ପାଇଁ ଅଦୃଶ୍ୟ ହୋଇ ରହିଯାଉଛି । ଜାଣି ରଖନ୍ତୁ ସକାଳର ଖରାରେ ମାତ୍ର ୫ରୁ ୧୦- ମିନିଟ ବସିବା ବା ଚାଲିବା ଦ୍ୱାରା ଶରୀରରେ ହାପିତ ହଂର୍ମୋନ୍ସ କୁହାଯାଉଥିବା ସେରୋଟୋନିନ୍ ହରମୋନ୍ କ୍ଷରଣ ହୁଏ । ଏହା ମଣିଷର ମୁଡକୁ ଖୁସି ରଖେ । କିନ୍ତୁ ସକାଳ ସମୟ ବାହାରକୁ ନବାହାରି ଘର ଭିତରେ ସମୟ କାଟିଦେବା ଦ୍ୱାରା ଶରୀର ଦୁର୍ବଳ ଅନୁଭବ କରେ , ଦିନସାରା ଅଳସୁଆ ଲାଗେ । ତେଣୁ ସକାଳୁ ଖରାରେ ବସିବାକୁ ଆଦୌ ଭୁଲନ୍ତୁନି ।

ଖାଲିପେଟରେ ଚା' , କଫି : ଅନେକ ସକାଳୁ ଉଠୁ ଉଠୁ ମୁହଁ ଧୋଇଦେଇ କପେ ଚା ନହେଲେ କଫି ପିଇବାକୁ ପସନ୍ଦ କରନ୍ତି । ହେଲେ ଖାଲି ପେଟରେ ଚା' କିମ୍ବା କଫି ପିଇବା ଦ୍ୱାରା ପେଟରେ ଗ୍ୟାସ ସୃଷ୍ଟି ହେବା ସହ ଜ୍ୱଳନ ଅନୁଭୂତ ହୁଏ । ବାରମ୍ବାର ଖଟାଳିଆ ହାକୁଟି ଆସେ । ପେଟ ଫୁଲିଗଲା ପରି ଲାଗିବ । ପୂରା ଦିନ ଆପଣଙ୍କ ଏସିଡିଟି ସମସ୍ୟାରେ ଘାଣ୍ଟି ହେବାକୁ ପଡ଼ି ପାରେ । ତେଣୁ ସକାଳୁ ଖାଲିପେଟରେ ଏସିଡ୍ ସୃଷ୍ଟି କରୁଥିବା ଚା କିମ୍ବା କଫି ଆଦୌ ପିଅନ୍ତୁ ନାହିଁ ।

ସକାଳେ ବ୍ୟାୟାମର ଅଭାବ : ଅନେକ ସମୟ ଅଭାବର ଆଳ କରି ସକାଳେ ୱ୍ୱକଆଉଟ ନକରି ସନ୍ଧ୍ୟାରେ ବା ରାତି ସମୟରେ କରିଥାନ୍ତି। ସକାଳେ ୱ୍ୱକ କଲେ ଶରୀର ଆକ୍ଟିଭ ରହେ



ହେଲେ ସନ୍ଧ୍ୟା ପରେ ୱ୍ୱକଆଉଟ କଲେ ଶରୀର ଅଧିକ ଆକ୍ଟିଭ ରହିବା କାରଣରୁ ଆମଣଙ୍କୁ ଶୀଘ୍ର ନିଦ ହୋଇନପାରେ । ହର୍ମୋନ ଅସନ୍ତୁଳନ ଯୋଗୁଁ ପରଦିନ ଆପଣଙ୍କୁ ହାଲିଆ ତଥା ଦୁର୍ବଳ ଅନୁଭୂତ ହୁଏ । ତେଣୁ ସନ୍ଧ୍ୟା ବଦଳରେ ସକାଳ ସମୟରେ ୱ୍ୱକ୍ ଆଉଟ କରିବାକୁ ଅଭ୍ୟାସରେ ପକାନ୍ତୁ । ସକାଳର ଛୋଟ ଛୋଟ ଅଭ୍ୟାସ ଆମକୁ ପୂରା ଦିନକୁ ପ୍ରଭାବିତ କରେ । ଉପରୋକ୍ତ ୩ଟି ଅଭ୍ୟାସକୁ ସୁଧାରି ପାରିଲେ ଗ୍ୟାସ୍, ଥକ୍କାପଣରୁ ମିଳିବା ସହ ପୂରା ଦିନ ଫୁର୍ତ୍ତିରେ କଟିବ ବୋଲି କହିଛନ୍ତି ଉର୍ବଶୀ ଅଗ୍ରୱାଲ ।







# ମୁଁ ପ୍ରାକୃତିକ ସୁନ୍ଦରୀ !

ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ବଲିଉଡ୍ କଳାକାରମାନେ ଆପଣାଉଥିବା କୃତ୍ରିମ ଉପାୟ ଅବଲମ୍ବନ ନକରି ନିଜକୁ ପ୍ରାକୃତିକ ସୁନ୍ଦରୀ ବୋଲି କହିଛନ୍ତି ଅଭିନେତ୍ରୀ ଅବନୀତ କୌର। ତାଙ୍କୁ ନେଇ ଚାଲିଥିବା ପ୍ଲାଷ୍ଟିକ ସର୍ଜରି ଓ ବୋଟୋକ୍ସ ଥେରାପି ସମ୍ପର୍କିତ ଚର୍ଚ୍ଚାକୁ ନେଇ ଶେଷରେ ସେ ମୁହଁ ଖୋଲିଛନ୍ତି। ନିକଟରେ ଏକ ସାକ୍ଷାତ୍କାରରେ ସେ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ସୌନ୍ଦର୍ଯ୍ୟ ସଂପୂର୍ଣ୍ଣ ପ୍ରାକୃତିକ। ସେ କେବେ ହେଲେ କୌଣସି ପ୍ଲାଷ୍ଟିକ ସର୍ଜରି କିମ୍ବା ବୋଟୋକ୍ସ କରାଇନାହାନ୍ତି।

ଅବନୀତଙ୍କ ଗ୍ଲାମରସ୍ ରୂପକୁ ନେଇ ବହୁଦିନ ଧରି ସୋସିଆଲ୍ ମିଡିଆରେ ଚର୍ଚ୍ଚା ଚାଲିଛି। ଅବନୀତ ବୋଟୋକ୍ସ କିମ୍ବା ନୋଜ୍ ଜବ୍ କରାଇଥିବେ ବୋଲି ଅନେକେ ଅନୁମାନ କରୁଥିବା ବେଳେ ଏଭଳି ଗୁଜବକୁ ସେ ଖଣ୍ଡନ କରିଛନ୍ତି।

ପିଲାଦିନର ଚେହେରା ସହ ତାଙ୍କର ବର୍ତ୍ତମାନର ଚେହେରାକୁ ତୁଳନା କରିବା ଭୁଲ୍। ବୟସ ବୃଦ୍ଧି ସହ ମଣିଷର ଚେହେରାରେ ପରିବର୍ତ୍ତନ ଆସିବା ସ୍ୱାଭାବିକ। ଏହାକୁ ନେଇ ଏତେ ଆଚମ୍ବିତ ହେବାର କୌଣସି କାରଣ ନାହିଁ ବୋଲି ଅବନୀତ ପ୍ରକାଶ କରିଛନ୍ତି। ତେବେ ଏ ଚର୍ଚ୍ଚାକୁ ନେଇ ସେ ଆହୁରି ବି କହିଛନ୍ତି, ''ସୋସିଆଲ୍ ମିଡିଆର ସମସ୍ତ ଚର୍ଚ୍ଚାକୁ ଗୁରୁତ୍ୱ ଦେବାର କୌଣସି ଆବଶ୍ୟକତା ନାହିଁ। ଏମିତି ଗୁଜବ ମୋର କାମ କିମ୍ବା ଆତ୍ମବିଶ୍ୱାସକୁ ଆଦୌ ପ୍ରଭାବିତ କରେନି। ମୁଁ ମୋ ନିଜ କ୍ୟାରିଅରରେ ଧ୍ୟାନ ଦେଇ ଆଗକୁ ବଢ଼ିବାକୁ ପସନ୍ଦ କରେ।'' ଅବନୀତ କୌର ଶିଶୁ କଳାକାର ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ଧୀରେ ଧୀରେ ଟିଭି, ଫିଲ୍ମ ଓ ଡିଜିଟାଲ୍ ପ୍ଲାଟଫର୍ମରେ ନିଜ ପାଇଁ ସ୍ଥାନ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସେ ଜଣେ ଗ୍ଲୋବାଲ୍ ଇନ୍‌ଫ୍ଲୁଏନ୍ସର୍ ଭାବେ ବେଶ୍ ପରିଚିତ।



# ଆରସିବି ପ୍ରଶଂସକଙ୍କ ପସନ୍ଦ ଅନୁଷ୍କାଙ୍କ ସ୍କର୍ଟ-ଟପ୍

ବୁଧବାରର ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବିପକ୍ଷ ମ୍ୟାଚ୍‌ରେ ଆରସିବିର କିଂବଦନ୍ତି ତାରକା ବିରାଟ କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମା ଏକ ସୁନ୍ଦର ସ୍କର୍ଟ ଓ ଆକର୍ଷଣୀୟ ଫୁଲପକା ଟପ୍ ପିନ୍ଧିଥିଲେ। ଏହି ଷ୍ଟାଇଲିସ୍ ପୋଷାକ ପିନ୍ଧି ଦର୍ଶକ ଗ୍ୟାଲେରିରୁ ନିୟମିତ ଭାବେ କୋହଲିଙ୍କୁ ଉତ୍ସାହିତ କରୁଥିଲେ। କୋହଲି ମାତ୍ର ଗୋଟିଏ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରି ଅନୁଷ୍କାଙ୍କ ଉପସ୍ଥିତିକୁ ଆହୁରି ରୋମାଣ୍ଟିକ୍ ବନାଇ ଦେଇଥିଲେ। ତେବେ କୋହଲିଙ୍କ ଅର୍ଦ୍ଧଶତକ ଅପେକ୍ଷା ଅନୁଷ୍କାଙ୍କ ସ୍କର୍ଟ ଓ ଟପ୍ ଆରସିବି ପ୍ରଶଂସକଙ୍କର ଅଧିକ ଧ୍ୟାନ ଆକର୍ଷଣ କରିଥିଲା। ଅନୁଷ୍କାଙ୍କ ରୁଚି ଓ ପୋଷାକର ରୂପକୁ ସେମାନେ ବେଶ୍ ପ୍ରଶଂସା କରିଥିଲେ। ଅନୁଷ୍କା ପିନ୍ଧିଥିବା ଏହି ପୋଷାକ ଏକ ପ୍ରସିଦ୍ଧ ଫରାସୀ ବ୍ରାଣ୍ଡ 'ସାନ୍ଦ୍ରୋ ପ୍ୟାରିସ୍ ଅଫିସିଏଲ୍'ର ବୋଲି ଜଣାପଡ଼ିଛି। ଟପ୍‌ଟିର ଦାମ ଭାରତୀୟ ମୁଦ୍ରାରେ ପାଖାପାଖି ୩୨,୬୬୫ ଟଙ୍କା ହୋଇଥିଲା ବେଳେ ସ୍କର୍ଟର ମୂଲ୍ୟ ୩୯,୬୬୫ ଟଙ୍କା ଥିବାଜଣାପଡ଼ିଛି। ପ୍ରଶଂସକ ତାଙ୍କ ପୋଷାକକୁ ପସନ୍ଦ କରୁଥିଲେ ମଧ୍ୟ ଚଢ଼ା ଦର ପାଇଁ ଏହାକୁ ପିନ୍ଧିବା ସେମାନଙ୍କ ପକ୍ଷରେ ସମ୍ଭବ ହେବନି ବୋଲି ସାମାଜିକ ଗଣାମଧ୍ୟମରେ ମନ୍ତବ୍ୟ ଦେଉଛନ୍ତି। ପୋଷାକ ଛଡ଼ା କୋହଲି ଯେତେବେଳେ ଅର୍ଦ୍ଧଶତକର ଗୋଟିଏ ରନ୍ ପୂର୍ବରୁ ଆଉଟ୍ ହୋଇଯାଇଥିଲେ, ସେତେବେଳେ ଅନୁଷ୍କା ଦେଇଥିବା ପ୍ରତିକ୍ରିୟା ମଧ୍ୟ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଛି।

# ମାଆ ହେବାକୁ ଅନିଚ୍ଛୁକ ଶକ୍ତି



'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ-୨' ଜିତିବା ପରେ ଶକ୍ତି ମୋହନ ରାତାରାତି ପ୍ରସିଦ୍ଧି ଲାଭ କରିଥିଲେ। ଏବେ ସେ ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣେ ଜଣାଶୁଣା ନୃତ୍ୟ ନିର୍ଦ୍ଦେଶିକା। ଏଥିସହିତ ନିଜ ଷ୍ଟୁଡିଓ ମଧ୍ୟ ଚଳାଉଛନ୍ତି। ନିକଟରେ ଶକ୍ତି ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ମତ ରଖି ଫ୍ୟାନ୍‌ମାନଙ୍କୁ ଚମକେଇ ଦେଇଛନ୍ତି। ସେ କହିଛନ୍ତି ଯେ, ୪୦ ବର୍ଷ ବୟସରେ ସେ ଆଉ ବିବାହ କରିବାକୁ ଚାହୁଁନାହାନ୍ତି, ଏପରିକି ସନ୍ତାନ ଜନ୍ମ କରିବାକୁ ବି ଚାହାନ୍ତି ନାହିଁ। ଅତୀତ ଜୀବନର ସ୍ମୃତିଚାରଣ କରି ସେ ସ୍ୱୀକାର କରିଛନ୍ତି ଯେ, ଜଣଙ୍କ ସହ ସେ ସମ୍ପର୍କରେ ଥିଲେ ଓ ପ୍ରତାରଣାର ଶିକାର ହୋଇଥିଲେ। ସିଦ୍ଧାର୍ଥ କନ୍ନନଙ୍କ ସହ ଏକ ଆଲୋଚନା କାର୍ଯ୍ୟକ୍ରମରେ ଶକ୍ତି କହିଛନ୍ତି ଯେ, ତାଙ୍କୁ ଅନେକ ଲୋକ ବିବାହ ସମ୍ପର୍କରେ ପଚାରୁଛନ୍ତି। ତାଙ୍କର ଜଣେ ବୟଫ୍ରେଣ୍ଡ ରହିବା ଉଚିତ ବୋଲି ବାପାମାଆ ବୁଝାନ୍ତି। ତେବେ ସେ ତାଙ୍କ ନିଜ କାମ ଓ ଷ୍ଟୁଡିଓ ଚଲାଇ ଖୁସି ସାଉଁଟୁଛନ୍ତି। ଏହା ଭିତରେ ତାଙ୍କର କିଛି ଅଭାବ ଅଛି ବୋଲି ଅନୁଭବ କରୁନାହାନ୍ତି। ଜଣେ ଭଲଲୋକ ପାଇଲେ ସେ ମନା କରିବେ ନାହିଁ, ତେବେ ପ୍ରେମିକ ଖୋଜିବେ ନାହିଁ ବୋଲି ମତ ରଖିଛନ୍ତି। ଶକ୍ତି ତାଙ୍କ ପୂର୍ବ ସମ୍ପର୍କ ବିଷୟରେ କହିଥିଲେ ଯେ, ସେ ଦୁଇଥର ପ୍ରତାରଣାର ସାମ୍ନା କରିଛନ୍ତି ଏବଂ ବହୁ କଷ୍ଟ ପାଇଛନ୍ତି। ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ବେଳେ ତାଙ୍କ ମାଆ ତାଙ୍କୁ ପୁଅମାନେ ଏଭଳି ହିଁ ବୋଲି ବୁଝାଇଥିଲେ। ପୁଅମାନେ ଯଦି ଏଭଳି, ତେବେ ସେ ବାହା ହେବେନାହିଁ ବୋଲି ସ୍ଥିର କରିଥିବା କହିଛନ୍ତି। ତାଙ୍କ କହିବା ଅନୁସାରେ, ଏହି ଘଟଣାରେ ସେ ମାସ ମାସ ଧରି କାନ୍ଦିଛନ୍ତି। ତା' ପରଠାରୁ ସେ ସମସ୍ତଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ଶକ୍ତି ମୋହନ ସ୍ପଷ୍ଟ କରିଛନ୍ତି, ଏବେ କୌଣସି ପୁରୁଷଙ୍କୁ ଗ୍ରହଣ କରିବା ମାନସିକତା ତାଙ୍କର ନାହିଁ କି ମାଆ ହେବାର ପ୍ରବୃତ୍ତି ବି ନାହିଁ।

# ଆଶାଙ୍କ ନାତୁଣୀଙ୍କ ରାଜକୀୟ ପଦାର୍ପଣ



କିଂବଦନ୍ତି କଣ୍ଠଶିଳ୍ପୀ ସ୍ୱର୍ଗତ ଆଶା ଭୋସଲେଙ୍କ ନାତୁଣୀ ହେଉଛନ୍ତି ଜନାଇ ଭୋସଲେ। ୨୪ ବର୍ଷୀୟା ଜନାଇ ସଂଗୀତ ଓ ଅଭିନୟର ପରିବେଶରେ ବଢ଼ିଥିବାରୁ ସ୍ୱାଭାବିକ ଭାବେ ଅଳ୍ପ ବୟସରୁ କଳା ପ୍ରତି ଆକର୍ଷିତ ହୋଇଥିଲେ। ଏବେ ସେ ତାଙ୍କ ପରିବାରର କଳାତ୍ମକ ଐତିହ୍ୟକୁ ଆଗକୁ ନେବା ପାଇଁ ପ୍ରସ୍ତୁତ। ସେ ଖୁବ୍‌ଶୀଘ୍ର ଚଳଚ୍ଚିତ୍ର ଶିଳ୍ପରେ ପଦାର୍ପଣ କରିବାକୁ ଯାଉଛନ୍ତି। ଐତିହାସିକ ଚଳଚ୍ଚିତ୍ର 'ଦି ପ୍ରାଇଡ୍ ଅଫ୍ ଭାରତ- ଛତ୍ରପତି ଶିବାଜୀ ମହାରାଜ'ରେ ଜନାଇ ଛତ୍ରପତି ଶିବାଜୀଙ୍କ ପ୍ରଥମ ପତ୍ନୀ ରାଣୀ ସାଇବାଇ ଭୋସଲେଙ୍କ ଚରିତ୍ରରେ ଦେଖାଦେବେ। ଏଥିରେ ଋଷଭ ଶେଟ୍ଟୀ ଛତ୍ରପତି ଶିବାଜୀ ସାଜିବେ। ଏହି ବ୍ୟୟବହୁଳ ଚଳଚ୍ଚିତ୍ରଟି ହିନ୍ଦୀ ସମେତ ମରାଠୀ, କନ୍ନଡ଼, ତାମିଲ, ତେଲୁଗୁ, ମାଲୟାଲମ ଓ ବଙ୍ଗଳା ଭାଷାରେ ନିର୍ମିତ ହେଉଛି। ୨୦୨୭ ଜାନୁଆରି ୨୧ରେ ଏହା ମୁକ୍ତିଲାଭ କରିବ। ଜନାଇ ସ୍ୱିଜରଲାଣ୍ଡ୍‌ର ଇନ୍‌ଷ୍ଟିଚ୍ୟୁଟ୍ ଲା ରୋଜିରେ ପାଠ ପଢ଼ିଛନ୍ତି। ସେ ଅଭିନୟ କରିବା ପୂର୍ବରୁ ଜେଜେମା'ଙ୍କ ପଦାଙ୍କ ଅନୁସରଣ କରି ସଂଗୀତ ଜଗତରେ ପାଦ ଦେଇ ସାରିଛନ୍ତି। ସେ ଗାଇଥିବା 'ମେଁ ହୀର ତେରି', 'ଆଦତେଁ', 'କେନ୍ଦି ହେଁ', 'ନା ନା ନା' ଆଦି ଗୀତ ଆଲବମ୍‌କୁ ସଂଗୀତ ସମୀକ୍ଷକ ପସନ୍ଦ କରିଥିଲେ।

# ଡକାଏତ ସିନେମା ଓ ଡା. ଆର୍ଥୋ ଆକ୍ୟୁପ୍ରେସର ସ୍ଲିପର, ଜୋତା ସହବନ୍ଧନ




ସନିଲ ଦେଓଙ୍କ ନିର୍ଦ୍ଦେଶିତ ରୋମାଣ୍ଟିକ ଆକ୍ସନ ଥ୍ରିଲର ସିନେମା 'ଡକାଏତ'ର ମୁଖ୍ୟ ଭୂମିକାରେ ଅଦିବି ଶେଷ ଓ ମୃଣାଳ ଠାକୁର ରହିଛନ୍ତି। ସିନେମାର ପ୍ରମୋସନ ଅବସରରେ ଅଦିବି ଓ ମୃଣାଳ କହିଛନ୍ତି ଯେତେ କଷ୍ଟ ରାସ୍ତାରେ ଚାଲିଲେ ମଧ୍ୟ ମଜଭୁତ ପାଦରେ ସବୁ ସଂଘର୍ଷକୁ ଜିତିହେବ। ଏହି ମଜଭୁତ ପାଦ ପାଇଁ ଆପଣଙ୍କୁ ଆବଶ୍ୟକ ଡାକ୍ତର ଆର୍ଥୋ ଆକ୍ୟୁପ୍ରେସର ସ୍ଲିପର ଏବଂ ଜୋତା। ଏହା ଆପଣଙ୍କୁ ପ୍ରତି ମୁହୂର୍ତ୍ତରେ ଏକ ନୂଆ ଶକ୍ତି ପ୍ରଦାନ କରିବ, କଷ୍ଟରୁ ମଧ୍ୟ ପୁରା ମୁକ୍ତି ଦେବ। ଡକାଏତ ସିନେମାର ସଫଳତା କାମନା କରି ଉଦ୍ୟୋଗୀ ତଥା ନିବେଶକ ଡା. ସଞ୍ଜୀବ ଜୁନେଜା କହିଛନ୍ତି ଯେ ଯେଭଳି ସିନେମାର ନାୟକ ପରିସ୍ଥିତି ଆଗରେ ନଇଁବା ବଦଳରେ ଦୃଢ଼ ହୋଇ ଛିଡ଼ା ହୋଇଛନ୍ତି ସେହିଭଳି ଡା. ଆର୍ଥୋ ଆକ୍ୟୁପ୍ରେସର ସ୍ଲିପର ଏବଂ ଜୋତା ସମସ୍ତଙ୍କ ପାଦର ଯତ୍ନ ନେଇଥାଏ। ଏହି ପରିପ୍ରେକ୍ଷୀରେ ଦିବିସା ହର୍ବାଲ କମ୍ପାନିର ପ୍ରତିନିଧି କହିଛନ୍ତି ଯେ ଆମର ଡା. ଆର୍ଥୋ ଆକ୍ୟୁପ୍ରେସର ସ୍ଲିପର ଓ ଜୋତା ପାଦକୁ ପୁରା ଆରାମ ଦେଇଥାଏ। ଆଜିକାଲି ଦେଶର ପ୍ରାୟ ପ୍ରତ୍ୟେକ ପରିବାରରେ ଡା. ଆର୍ଥୋର କୌଣସି ନା କୌଣସି ଉତ୍ପାଦ ରହିଛି, ଯାହା ତାଙ୍କ ପାଇଁ ଗର୍ବର ବିଷୟ। ଆଣ୍ଠୁଗଣ୍ଠିର ଯତ୍ନ ପାଇଁ ଆର୍ଥୋ ଆୟୁର୍ବେଦିକ ଷ୍ଟ୍ରଙ୍ଗ ତେଲ, କ୍ୟାପସୁଲ, ଅଏଣ୍ଟମେଣ୍ଟ, ବାମ୍, ସ୍ପ୍ରେ, ପ୍ରିମିୟମ କ୍ୱାଲିଟି ଆଣ୍ଠୁ କ୍ୟାପ୍, ବ୍ୟାକ୍ ସ୍ପୋର୍ଟ, ପୋଷ୍ଟର କରେକ୍ଟର, ଆଙ୍କଲ ୱାଇଣ୍ଡର, ପ୍ରିମିୟମ ସର୍ଭାଇକାଲ ପିଲୋ, ମ୍ୟାଟ୍ରେସ ଆଦି ବଜାରରେ ଉପଲବ୍ଧ ହେଉଛି।

# ସୁଯୋଗ ପାଇଁ କୃତଜ୍ଞ



ଅଭିନେତ୍ରୀ ତମନ୍ନା ଭାଟିୟା ଅଭିନୟରେ ୨୧ ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ସେ ଚଳଚ୍ଚିତ୍ର ଶିଳ୍ପରେ ଅଭିନେତ୍ରୀମାନଙ୍କୁ ମିଳୁଥିବା ସୁଯୋଗ ବିଷୟରେ ନିଜ ଭାବନା ପ୍ରକାଶ କରିଛନ୍ତି। ଆଗକୁ ତାଙ୍କର ଏକାଧିକ ଚଳଚ୍ଚିତ୍ର ଓ ଧାରାବାହିକ ଆସିବାର ଅଛି, ଯାହାକୁ ନେଇ ସେ ଖୁବ୍ ଉତ୍ସାହିତ। ସେ କହିଛନ୍ତି ଯେ ତାଙ୍କୁ ମିଳିଆସିଥିବା ସୁଯୋଗ ପାଇଁ ସେ କୃତଜ୍ଞ। କାରଣ ସବୁ ଅଭିନେତା, ବିଶେଷ କରି ଅଭିନେତ୍ରୀମାନଙ୍କୁ ଏତେ ପରିମାଣରେ କାମ ମିଳିବା ଦୁର୍ଲଭ। ତେଣୁ ଦୁଇ ଦଶନ୍ଧିରୁ ଅଧିକ କାଳ ଅଭିନୟ କରିବା ପରେ ବି ତାଙ୍କୁ ନୂଆ କରି କାମ କରିବା ଭଳି ଅନୁଭବ ହେଉଛି। ତମନ୍ନା ୨୦୦୫ ମସିହାର ହିନ୍ଦୀ ଚଳଚ୍ଚିତ୍ର 'ଚାନ୍ଦ ସା ରୋଶନ ଚେହେରା'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ସେ ତେଲୁଗୁ ଓ ତାମିଲ ଚଳଚ୍ଚିତ୍ରରେ ଅଭିନୟ କରି ଖୁବ୍ ଲୋକପ୍ରିୟ ହେଲେ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ତାଙ୍କୁ ଯେମିତି ଆଦର ସହକାରେ ଗ୍ରହଣ କରାଗଲା ତାହା ତାଙ୍କ ଅଭିନୟ କ୍ୟାରିଅରକୁ ଶକ୍ତ ଭିତ୍ତିଭୂମି ପ୍ରଦାନ କଲା। ଏହା ପରେ ସେ ବଲିଉଡ୍‌କୁ ଆସିବାରୁ ତାଙ୍କ ଲୋକପ୍ରିୟତା ବହୁଗୁଣିତ ହୋଇଗଲା।

# ଭିକ୍ଟୋରିଆସ୍ ସିକ୍ରେଟ୍‌ର ପ୍ରଥମ ଭାରତୀୟ ଆମ୍ବାସଡର



ବଲିଉଡ୍ ଅଭିନେତ୍ରୀ ତୃପ୍ତି ଡିମରୀ ନିଜ କ୍ୟାରିଅରରେ ଏକ ବିଶ୍ୱସ୍ତରୀୟ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛନ୍ତି। ପ୍ରସିଦ୍ଧ ଆମେରିକୀୟ ଫ୍ୟାସନ୍ କମ୍ପାନି 'ଭିକ୍ଟୋରିଆସ୍ ସିକ୍ରେଟ୍'ର ବ୍ରାଣ୍ଡ୍ ଆମ୍ବାସଡର ଭାବେ ତାଙ୍କୁ ନିଯୁକ୍ତି ମିଳିଛି। ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ଭାରତୀୟ ସେଲିବ୍ରିଟି। ପୂର୍ବରୁ ଯଦିଓ ଭାରତୀୟ ମୂଳର ମଡେଲ୍‌ମାନେ ଭିକ୍ଟୋରିଆସ୍ ସିକ୍ରେଟ୍‌ର ଫ୍ୟାସନ୍ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି, ତେବେ କେହି ଆନୁଷ୍ଠାନିକ ଭାବେ ଏହାର ଆମ୍ବାସଡର ନିଯୁକ୍ତ ହୋଇ ନଥିଲେ। ଏହି ବୈଶ୍ୱିକ କମ୍ପାନି ଭାରତୀୟ ବଜାରରେ ନିଜ ଉପସ୍ଥିତିକୁ ଜାହିର କରିବା ପାଇଁ ତୃପ୍ତିଙ୍କୁ ନିଜର ମୁହଁ ଭାବେ ଚୟନ କରିଛି। ତୃପ୍ତି ଏହାର 'ସମର ସିଗ୍ନେଚର' କଲେକ୍ସନ୍‌ର ପ୍ରଚାର ଅଭିଯାନର ନେତୃତ୍ୱ ନେଉଛନ୍ତି। ଭିକ୍ଟୋରିଆସ୍ ସିକ୍ରେଟ୍‌ର ବ୍ରାଣ୍ଡ ଆମ୍ବାସଡର ହେବା ତାଙ୍କ ପାଇଁ ଅତ୍ୟନ୍ତ ସାରଗର୍ଭକ ମୁହୂର୍ତ୍ତ ଏବଂ ତାଙ୍କ କ୍ୟାରିଅରର ଏକ ସ୍ୱତନ୍ତ୍ର ମାଇଲ୍‌ଖୁଣ୍ଟ ବୋଲି ତୃପ୍ତି କହିଛନ୍ତି। ତୃପ୍ତିଙ୍କ ଏହି ନିଯୁକ୍ତିକୁ ପାଶ୍ଚାତ୍ୟ ଜଗତରେ ଭାରତୀୟଙ୍କ କ୍ରମବର୍ଦ୍ଧମାନ ପ୍ରତିନିଧିତ୍ୱର ସଂକେତ ରୂପେ ଦେଖାଯାଉଛି। ଗତ କିଛି ବର୍ଷରେ ଅଧିକରୁ ଅଧିକ ଭାରତୀୟ ସେଲିବ୍ରିଟିଙ୍କୁ ବିଭିନ୍ନ ବୈଶ୍ୱିକ ଫ୍ୟାସନ ସୋ' ଓ ସୌନ୍ଦର୍ଯ୍ୟ ବିଜ୍ଞାପନରେ ସୁଯୋଗ ମିଳୁଥିଲେ ହେଁ ବଡ଼ ଫ୍ୟାସନ୍ କମ୍ପାନି ଭାରତୀୟମାନଙ୍କୁ ବ୍ରାଣ୍ଡ୍ ଆମ୍ବାସଡର ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ପଣ କରିବା ବିରଳ। ତେଣୁ ତୃପ୍ତିଙ୍କ ପରେ ଅନ୍ୟ ଭାରତୀୟ ଅଭିନେତା, ମଡେଲ୍ ଓ ଇନ୍‌ଫ୍ଲୁଏନ୍‌ସଙ୍କୁ ଅନୁରୂପ ସୁଯୋଗ ମିଳିବ ବୋଲି ଆଶା ସୃଷ୍ଟି ହୋଇଛି।

# ଜୟପୁର ଚେମ୍ବର ଅଫ୍ କମର୍ସର ନୂତନ କାର୍ଯ୍ୟକାରୀ କମିଟି ଗଠନ: ସଞ୍ଜୟ ଜୈନ ସଭାପତି

ଜୟପୁର, ୧୫/୦୪ (ନି.ପ୍ର): ଜୟପୁର ଚେମ୍ବର ଅଫ୍ କମର୍ସର କାର୍ଯ୍ୟକର୍ତ୍ତା ଚୟନ କମିଟି ବୈଠକ ବେଦିକା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇ ନୂତନ କାର୍ଯ୍ୟକାରୀ କମିଟି ଗଠନ ହୋଇଛି । ଚଳିତ ବର୍ଷ ୧୨ ଏପ୍ରିଲରେ ଅନୁଷ୍ଠିତ ନିର୍ବାଚନରେ ୨୧ ଜଣ ନିର୍ଦ୍ଦେଶକ ବିଜୟୀ ହୋଇଥିଲେ। ଏମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପ୍ରାପ୍ତ ଜୟପୁରର ପ୍ରତିଷ୍ଠିତ ବ୍ୟବସାୟୀ ସଞ୍ଜୟ କୁମାର ଜୈନଙ୍କୁ ୧୪ ଏପ୍ରିଲ ଦିନ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ନିଯୁକ୍ତ କରାଗଲା। ତା'ପରେ ଅନ୍ୟ ପଦବୀ ଚୟନ ପ୍ରକ୍ରିୟାରେ ଉପସଭାପତି ଭାବେ ଶତିସ ପାତ୍ର ଓ କେ. ଦିଲ୍ଲିପ ରେଡ୍ଡୀ, ସାଧାରଣ ସଂପାଦକ ଭାବେ ବି.ଶତିସ କୁମାର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ଜୈନ (ବମ୍ବେ ଷ୍ଟୋର୍) ଏବଂ ସହ-ସଂପାଦକ ଭାବେ ଲୋକନାଥ ପାତ୍ର ଓ ଅଙ୍କୁର ସୋନି ନିଯୁକ୍ତ ହୋଇଛନ୍ତି । ନିର୍ଦ୍ଦେଶକ ମଣ୍ଡଳୀରେ ଏ. ଶ୍ରୀନିବାସ ରାଓ, ବରୁଣ ଜୈନ, ବିଭୁଦତ ପାଢ଼ୀ, ସି.ଏଚ୍. କିଶୋର କୁମାର, ସି.ଏଚ୍. ଚନ୍ଦ୍ରେଶ ରାଠୋର୍, ଡି. ମାଧବ, ଦୀନେଶ ଶଙ୍କୁରି, ଗାମ୍ଭେଲି ବସନ୍ତ ରାଓ, ଜି. ରାମ କ୍ରୀଷ୍ଣା, କେଲା ଇଶ୍ୱର ରାଓ, ମନୋଜ କୁମାର ଶାହା, ନିମାନୀ ଚୈତନ୍ୟା, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ଭି. ପ୍ରଭାକର ମନୋନୀତ ହୋଇଛନ୍ତି।

ନୂତନ ସଭାପତି ଶ୍ରୀ ଜୈନ ଜଣାଇଛନ୍ତି ଯେ ବର୍ତ୍ତମାନ ଚେମ୍ବରର ୮୪୦ ଜଣ ସଦସ୍ୟ ରହିଛନ୍ତି । ଆଗାମୀ ଦିନରେ ଛୋଟ-ବଡ଼ ସମସ୍ତ ବ୍ୟବସାୟୀଙ୍କୁ ସଂଗଠନ ଅନ୍ତର୍ଭୁକ୍ତ କରି ସଦସ୍ୟ ସଂଖ୍ୟା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଉପଦେଷ୍ଟାଙ୍କ ନାମ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

# ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟର ଶୁଭ ଉଦ୍‌ଘାଟନ

ସମ୍ବଲପୁର, ୧୫/୦୪ (ନି.ପ୍ର): ଆଜି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ସମ୍ବଲପୁରର ବହୁ ପ୍ରତୀକ୍ଷିତ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟର ଶୁଭ ଉଦଘାଟନ ହୋଇଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ସଂସ୍କୃତି ବିଭାଗ ତତ୍ତ୍ୱାବଧାନରେ ନିର୍ମିତ ଏହି ସଂଗ୍ରହାଳୟ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଗାଥା ଏବଂ ସମ୍ବଲପୁରର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ପ୍ରଦର୍ଶିତ କରୁଛି। ସଂଗ୍ରହାଳୟରେ ସଂଗ୍ରାମୀଙ୍କ ବ୍ୟବହୃତ ସାମଗ୍ରୀ, ବୀରତ୍ୱ ଗାଥା, ବିରଳ ଆଲୋକଚିତ୍ର ଏବଂ ଐତିହାସିକ ଦଲିଲ ସମ୍ବଲପୁରର ସମୃଦ୍ଧ ସାଂସ୍କୃତିକ ପରମ୍ପରାଗୁଡ଼ିକୁ ସ୍ଥାନ ଦିଆଯାଇଛି, ଯାହା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ଏହି ସଂଗ୍ରହାଳୟ ସମ୍ବଲପୁରର ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିବା ସହ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ କରିବ। ପ୍ରାୟ ୨ ହଜାର ବର୍ଷର ପ୍ରାଚୀନ ଇତିହାସକୁ ବହନ କରୁଥିବା ଏହି ଅଂଚଳର କଳା, ସ୍ଥାପତ୍ୟ ଏବଂ ଜୀବନଶୈଳୀକୁ ଏହି ସଂଗ୍ରହାଳୟ ମାଧ୍ୟମରେ ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାର ମାଧ୍ୟମ ସାଜିବ ଏହି ଅତ୍ୟାଧୁନିକ ସଂଗ୍ରହାଳୟ। ସଂଗ୍ରହାଳୟରେ ପଶ୍ଚିମ ଓଡ଼ିଶାର ଅନେକ ଦୁର୍ଲଭ ସାମଗ୍ରୀ ଦେଖିବାକୁ ମିଳିବ। ସମ୍ବଲପୁରୀ ବସ୍ତ୍ର ତିଆରି ପାଇଁ ବ୍ୟବହୃତ ହେଉଥିବା ପାରମ୍ପରିକ ହସ୍ତତନ୍ତ ସରଞ୍ଜାମ, ଅଳଙ୍କାର, ପ୍ରାଚୀନ ବାଦ୍ୟଯନ୍ତ୍ର ଏବଂ ଘରକରଣା ସାମଗ୍ରୀ ଏଠାରେ ସ୍ଥାନ ପାଇବ। କେବଳ ସେତିକି ନୁହେଁ, ଏ ଅଂଚଳର ଲୁପ୍ତପ୍ରାୟ ଖେଳନା ଏବଂ ପୁରାତନ ବସ୍ତ୍ର ଡିଜାଇନ୍ ସହିତ କଟ୍ରିଆ, ବନ୍ଦ୍ରିଆ ଆଦି ଗହଣାକୁ ମଧ୍ୟ ଏଠାରେ ସଂରକ୍ଷିତ ରଖାଯିବ। ସ୍ଥାନୀୟ ଖାଦ୍ୟପେୟର ବିବିଧତା ଯଥା କରଡ଼ି ଭଜା ଭଜା, ହେଣ୍ଡୁଆ ପଖରା, ସରସତିଆ, ଆମ୍ବିଳ, ଲେଥା, ଗୁଲିଆଗୁଲି ଏବଂ ଚାଉଳ ବରା ଭଳି ସ୍ୱାଦିଷ୍ଟ ପାରମ୍ପରିକ ବ୍ୟଞ୍ଜନର ରୋଷେଇ ପ୍ରଣାଳୀ ଓ ଇତିହାସ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ସମ୍ବଲପୁରର ପ୍ରସିଦ୍ଧ ପର୍ବପର୍ବାଣୀ ଯଥା ନୂଆଁଖାଇ, ଗୁଡ଼ିଖାଇ, କରମସାନୀ, ପୁଓ ଜିଉରିଆ, ଭାଇ ଜିଉରିଆ ଆଦି ସହ ବଏଲଯାତ୍ରା, ଶୀତଳଷଷ୍ଠୀ ଓ ଧନୁଯାତ୍ରା ଭଳି ପ୍ରସିଦ୍ଧ ଯାତ୍ରା ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ତଥା ବୀର ସୁରେନ୍ଦ୍ର ସାଏ, ଛବିଳ ସାଏ, ଉଦନ୍ତ ସାଏ, ମଧୁ ଗଡ଼ତିଆଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଓ ସେମାନଙ୍କ ବୀରତ୍ୱ ଗାଥା ଉପରେ ଆଧାରିତ ପ୍ରଦର୍ଶନୀ ସଂଗ୍ରହାଳୟର ମୁଖ୍ୟ ଆକର୍ଷଣ ହେବ। ସଂଗ୍ରହାଳୟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହେବା ସହ ଆଧୁନିକ ଆଲୋକୀକରଣ ବ୍ୟବସ୍ଥାରେ ସଜ୍ଜିତ କରାଯିବ। ଏହି ପ୍ରକଳ୍ପ ସମ୍ବଲପୁରର ପ୍ରାଚୀନ ଗରିମା ପୁଣି ଥରେ ବିଶ୍ୱ ଦରବାରରେ ନିଜର ଚମକ ବିଚ୍ଛୁରିତ କରିବ ଏବଂ ଇତିହାସର ଏକ ଜ୍ୱଳନ୍ତ ସାକ୍ଷୀ ଭାବେ ଏହି ସଂଗ୍ରହାଳୟଟି ପୁଣିଥରେ ଝଲସି ଉଠିବ ବୋଲି ଆଶା କରାଯାଉଛି ।ଏହାର ପୁନରୁଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆମେ ଓଡ଼ିଆ, ଆମ ଗୀତ ବଢ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର , ୧୫/୦୪ (ନି.ପ୍ର): ଆମେ ଓଡ଼ିଆ, ଆମ ଗୀତ ବଢ଼ିଆ କାର୍ଯ୍ୟକ୍ରମ ଜୟପୁର ରାଜାନହର ଠାରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଶ୍ରୀ ତାରା ପ୍ରସାଦ ବାହିନୀପତି, ସମ୍ମାନୀତ ଅତିଥି ଆକାଶବାଣୀ ର ଟପ ଗ୍ରେଡ୍ ମ୍ୟୁଜିକ କମ୍ପଜେର, ତଥା ବରିଷ୍ଠ କଳାକାର ଶ୍ରୀ ବିଜୟ କୁମାର ସାମନ୍ତରାୟ, ଇଂ. ତ୍ରିଲୋଚନ ପଣ୍ଡା, ଇଂ ଏନ. ସି. ମଲ୍ଲିକ, ଇଂ. ତ୍ରିଲୋଚନ ପଣ୍ଡା, ଇଂ. କେଦାର ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପ୍ରଥମେ ହନୁମାନ ଙ୍କ ଭଜନ ଏବଂ ହନୁମାନ ଚାଳିଶା ଗାୟନ ପରେ । ବହୁତ ଲୋକ ପ୍ରୀୟ ପୁରୁଣା ଆଉ ନୁଆଁ ଓଡ଼ିଆ ଗୀତ ର କାର୍ଯ୍ୟକ୍ରମ ଅନେକ ରାତି ଯାଏଁ ଚାଲିଥିଲା ଏବଂ ଏଭଳି ଗୀତ ଗୁଡ଼ିକ ଆଉ ସଂଗୀତ କାର୍ଯ୍ୟକ୍ରମ ରେ ଶୁଣିବାକୁ ମିଳୁ ନଥିବାରୁ ଦର୍ଶକ ବିଳମ୍ବିତ ରାତି ଯାଏଁ ଉପଭୋଗ କରିଥିଲେ । ଆଜି ମୁଁ ଶ୍ରାବଣୀ, ସ୍ମୃତି ଏକ ରୁପା ଜହ୍ନ, ଯମୁନା ଯାଆନା, ମୁଁ ପରଦେଶୀ ଚଢେଇ, ଝିମି ଝିମି ତା ମଜା, ମୋର ମନ ଉଡି ଉଡି ଯାଏ, ସାଥିରେ ମୁଁ ଯେ, ପାଦରେ ପାଦ ଛନ୍ଦା, ଚାନ୍ଦ ନା ତୁମେ ତାରା, ଏ ବନର ଛାଇ, ଅଭିମାନିନୀ ମୁଁ, ଶାମୁକା ଶାମୁକା ଏମିତି ବହୁତ ସୁନ୍ଦର ସୁନ୍ଦର ଗୀତ କୁ ଗାଇଥିଲେ ସନାତନ ପୁରୋହିତ ଦାସ, ଡ଼ ରୁପେଶ ବେଉରିଆ, ପ୍ରଜ୍ଞା ପଣ୍ଡା, ଅସ୍ମିତା ଷଡ଼ଙ୍ଗୀ, ସୁଶ୍ରୀତା ଅଧିକାରୀ, ଲୋରୀ ଲୋପାମୁଦ୍ରା ଜେନା, ବିଶ୍ୱଜିତ ଦାସ, ଦିଲୀପ ନାୟକ, ସ୍ନେହା ମହାରଣା, ମୋନିକା ପଟନାୟକ, ଅପର୍ଣ୍ଣା ସାହୁ, ନୀହାର ପଟନାୟକ, କୁରବାନ ଅଲ୍ଲୀ ପ୍ରମୁଖ । ବାଦ୍ୟଯନ୍ତ୍ର କିବୋର୍ଡ଼ ରେ ଧିରେନ ପଟନାୟକ, ସେକ୍ସଫୋନ ରେ ରାହୁଲ ସାମନ୍ତରାୟ, ଲିଡ୍ ଗୀଟାର ରେ ଇଶ୍ୱର ସରାଫ, ବାସ ଗୀଟାର ରେ ସନାତନ ଦାସ, ଡ୍ରମ ରେ ଶ୍ରୀଶାନ୍ତ, ପେଡ୍ ରେ ପିୟୁଷ ପଟନାୟକ, ହେଣ୍ଡ ସୋନିକ ରେ ଶୁକମାନ ଶଗଡ଼ିଆ, ତବଲା ରେ ତରୁଣ ପାଣି । ମଂଚ ସଂଚାଳନ ଶ୍ରୀକାନ୍ତ ଦାସ, ପରିଚାଳନା ଜୟନ୍ତ ଦାସ । ସରୋଜ କାନ୍ତ ବେଉରିଆ ସ୍ମୃତି କମିଟି, କୋରାପୁଟିଆ କଳା ଓ କଳାକାର, ସ୍ୱର ଘୁଙ୍ଗୁର ଏବଂ ରିଲ ଷ୍ଟାର ଗୃପ ଆୟୋଜନ କରିଥିଲେ ।

# ସିଏମ୍ ଟ୍ରଫି-୨୦୨୬ କବାଡ଼ି ପ୍ରତିଯୋଗିତା ଉଦ୍ଘାଟିତ ଭାଗନେଲେ ବାଳକ ୧୦ ଦଳ ଓ ବାଳିକା ୬ ଦଳ ବର୍ଗ

ବଲାଙ୍ଗିର, ୧୬/୦୪ (ନି.ପ୍ର): ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା କବାଡ଼ି ଚାମ୍ପିୟନସିପ୍ ୨୦୨୬ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉଦ୍ଘାଟିତ ହୋଇଯାଇଛି । ବାଳକ ବର୍ଗରେ ଲୋଇସିଂହା (କ), ଲୋଇସିଂହା (ଖ), ବଲାଙ୍ଗିର, ସଇଁନ୍ତଲା, ବଙ୍ଗୋମୁଣ୍ଡା, ଟିଟିଲାଗଡ଼, ପୁଇଁନ୍ତଲା, ପାଟଣାଗଡ଼, ଆଗଲପୁର, ତୁରେକେଲା ଓ ବାଳିକା ବର୍ଗରେ ପୁଇଁନ୍ତଲା (କ), ପୁଇଁନ୍ତଲା (ଖ), ବଲାଙ୍ଗିର, ପାଟଣାଗଡ଼, ସଇଁନ୍ତଲା, ଟିଟିଲାଗଡ଼ । କ୍ରିଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟାନନ୍ଦ ସେଠି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଆନୁଷ୍ଠାନିକ ଭାବରେ ଏହାର ଉଦ୍ଘାଟନ କରିଥିଲେ । କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନ ଖେଳ ଅନୁଷ୍ଠିତ ହୋଇଥିଲା । କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ-ସଂପାଦକ ଶତ୍ରୁଘ୍ନ ସିଂ, ପଦ୍ମଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ସୁଧିର ଚନ୍ଦ୍ର ପଣ୍ଡା, ପ୍ରଭାତ କୁମାର ମିଶ୍ର, ଡ଼ା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ ବୁଦ୍ଧିରାଜ ବିଶ୍ୱାଲ, ଜନାର୍ଦ୍ଦନ ସାହୁ, ଯଶୋବନ୍ତୀ ବେହେରା, ଗୋପାଳ ଚନ୍ଦ୍ର ବସ୍ତିଆ, ସନ୍ତୋଷ ମେହେର, ମାଧୁରୀ ପଣ୍ଡା, ସ୍ୱାଗତିକା ବର୍ଗର୍ତୀ, ସୁଦର୍ଶନ ସେଠ ଓ ଆର୍ଶିବାଦ ସା ପରିଚାଳନା କରିଥିଲେ । ପରିଶେଷରେ କବାଡ଼ି ସଂପାଦକ ବିଭୂତିଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ମମିତା ନାଏକ

କେନ୍ଦୁଝର, ୧୫/୦୪ (ନି.ପ୍ର): ଆଜି କେନ୍ଦୁଝର ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ବଶିଷ୍ଟ ବିଜେପି ନେତ୍ରୀ ମମୀତା ନାଏକ। ତାଙ୍କ ସହ ଉପାଧ୍ୟକ୍ଷ ଭାବେ ମାନସ କୁମାର ନାଏକ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ସକାଳୁ ବିଶେଷ ପୂଜାର୍ଚ୍ଚନା ପରେ ମମୀତା ନାଏକ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡ଼ ଫକିର ଚରଣ ନାୟକ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥଲେ। ଏହାପରେ ବିଜେପିର ବଶିଷ୍ଟ ନେତା ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥଲେ। ପ୍ରକାଶ ଯେ ମମୀତା ନାଏକ ପୁର୍ବରୁ ଜିଲ୍ଲା ପରିଷଦ ଅଧକ୍ଷା ଭାବେ ବେଶ ଦକ୍ଷତା ସହ କାର୍ଯ୍ୟ ନିର୍ବାହ କରିଥିଲା ବେଳେ ପରେ ବିଜେପିର ବିଭିନ୍ନ ସଙ୍ଗଠନ ଦାୟିତ୍ୱ ତୁଲାଇଛନ୍ତି। ଆଗାମୀ ଦିନରେ ଜିଲ୍ଲାର ଆଦିବାସୀ ସମାଜର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପତିକ୍ରିୟା ରେ ପ୍ରକାଶ କରିଛନ୍ତି।

# ପରଜା ଶିଶୁମାନଙ୍କ ମଧ୍ୟରେ ସ୍ୱଦେଶୀ ଖାଦ୍ୟ ପଦ୍ଧତି ଉପରେ ସଚେତନତା

ଜୟପୁର, ୧୫/୦୪ (ନି.ପ୍ର): କୋରାପୁଟ ଜିଲ୍ଲାର ପରଜା ଶିଶୁମାନଙ୍କ ମଧ୍ୟରେ ସ୍ୱଦେଶୀ ଖାଦ୍ୟ ପଦ୍ଧତି, ଖାଦ୍ୟ ସୁରକ୍ଷା ଓ ପୋଷଣ ଫଳାଫଳ ସମ୍ବନ୍ଧିତ ସଚେତନତା-ତଥା-ପ୍ରଚାର କାର୍ଯ୍ୟକ୍ରମ ୧୫ ଏପ୍ରିଲ ୨୦୨୬ ତାରିଖରେ ଜୟପୁରସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଦ୍ୱାରା ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ , ନୂଆଦିଲ୍ଲୀ ପ୍ରଯୋଜିତ ଏକ ଗବେଷଣା ପ୍ରକଳ୍ପର ଅଂଶ ଭାବେ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମଟି ଅତିଥି ଓ ଅଂଶଗ୍ରାହୀମାନଙ୍କ ସ୍ୱାଗତ ଅଭିଭାଷଣ ସହ ଆରମ୍ଭ ହେବା ପରେ ସଭାର ବିଷୟବସ୍ତୁର ପରିଚୟ ଦିଆଯାଇଥିଲା। ଏହା ପରେ ପ୍ରକଳ୍ପ ନିର୍ଦ୍ଦେଶକ-ତଥା-ସମନ୍ୱୟକାରୀ ଡା. ସୂର୍ଯ୍ୟମଣି ପାତ୍ରଙ୍କ ଦ୍ୱାରା ଗବେଷଣା ଫଳାଫଳ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ଫଳାଫଳ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଶିଶୁ ପୋଷଣ ଓ ଖାଦ୍ୟ ସୁରକ୍ଷା ସୁଧାରଣରେ ସ୍ୱଦେଶୀ ଖାଦ୍ୟ ପଦ୍ଧତିର ମୁଖ୍ୟ ଭୂମିକାକୁ ଉଭାସିତ କରିଥିଲା।

ମୁଖ୍ୟ ଅତିଥି ଜୟପୁରର ଉପଜିଲ୍ଲାପାଳ-ତଥା-ଉପ-ଜିଲ୍ଲା ମାଜିଷ୍ଟ୍ରେଟ୍, ଶ୍ରୀ ଯଦୁମଣି ନାୟକ ଆଧୁନିକ ଖାଦ୍ୟ ସଂସ୍କୃତିରେ ଧୀରେ ଧୀରେ ଅନ୍ତର୍ଧାନ ହେଉଥିବା ପାରମ୍ପରିକ ମିଲେଟ୍ ଆଧାରିତ ଖାଦ୍ୟ ଓ ପଖାଳ ଭାତର ସ୍ୱାଦ ଓ ଶକ୍ତିକୁ ସ୍ମରଣ କରିଥିଲେ। କୋରାପୁଟର ପୂର୍ବତନ ସିଡିଏମଓ ଡା. ଅରୁଣ କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ୫ ସ୍ୱାସ୍ଥ୍ୟସୂଚକ ବିଷୟରେ ଉଲ୍ଲେଖ କରି ଏହାକୁ ଦମନ କରିବାରେ ପାରମ୍ପରିକ ଖାଦ୍ୟର ଗୁରୁତ୍ୱକୁ ବର୍ଣ୍ଣନା କରିଥିଲେ। ପ୍ରସିଦ୍ଧ ଆଦିବାସୀ ସଂସ୍କୃତି ବିଶେଷଜ୍ଞ ଡା. ରାଜେନ୍ଦ୍ର କୁମାର ପାଢ଼ୀ ବିଶିଷ୍ଟ ଅତିଥି ଭାବେ ଭାବେ ଯୋଗ ଦେଇ ପାରମ୍ପରିକ କୃଷି ଓ ଖାଦ୍ୟ ପଦ୍ଧତି ପଛରେ ଥିବା ବୈଜ୍ଞାନିକ ଆଧାର ଓ ସୁସ୍ଥ ଭବିଷ୍ୟତ ପାଇଁ ଏହାର ପୁନରୁତ୍ଥାନର ଆବଶ୍ୟକତାକୁ ଉଦ୍ଧାର କରିଥିଲେ। ଅନ୍ୟ ଅତିଥିମାନେ ଯଥା ଶ୍ରୀ ଭବାନୀ ଶଙ୍କର ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଜୟପୁର; ଶ୍ରୀମତୀ ସନ୍ଧ୍ୟା ରାଣୀ ପାତ୍ର, କାର୍ଯ୍ୟକ୍ରମ ଅଧିକାରୀ, ଆଇସିଡିଏସ୍, ଜୟପୁର ଓ ଡା. କାର୍ତ୍ତିକ ଚରଣ ଲେଙ୍କା, କୃଷି ବୈଜ୍ଞାନିକ, ଏମ୍.ଏସ୍.ଏସ୍. ଆର.ଏଫ୍, ଜୟପୁର ମଧ୍ୟ ସଭାରେ ଉଦ୍ବୋଧନ ଦେଇଥିଲେ। ଏମ୍.ଏସ୍.ଏସ୍.ଆର୍.ଏଫ୍ ଜୟପୁରର ନିର୍ଦ୍ଦେଶକ ଓ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ପରିଡା ସଫଳତାର ସହ କାର୍ଯ୍ୟକ୍ରମକୁ ପରିଚାଳନା କରି ପାରମ୍ପରିକ କୃଷି ଓ ଖାଦ୍ୟ ପ୍ରଣାଳୀର ଶକ୍ତି ଓ ଏହାର ପୁନରୁଜ୍ଜୀବନର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ଗବେଷଣା ଛାତ୍ରୀ କୁମାରୀ ନମ୍ରତା ବେହେରା ଧନ୍ୟବାଦ ଜ୍ଞାପନ କରି ଏହି ଦିନିଆ କାର୍ଯ୍ୟକ୍ରମର ସମାପନ କରିଥିଲେ।

ଅନ୍ୟ ଉଲ୍ଲେଖନୀୟ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଆଦିବାସୀ ପ୍ରତିନିଧି ଶ୍ରୀମତୀ ରାଇମତୀ ଘିଉରିଆ, ଶ୍ରୀମତୀ ଚନ୍ଦ୍ରମା ବାଲିଆ ଓ ଶ୍ରୀ ଲାଇଛନ୍ ମାଝିଙ୍କୁ ସ୍ୱଦେଶୀ ଖାଦ୍ୟ ପ୍ରଚଳନ ସୁରକ୍ଷାରେ ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ପରଜା ଖାଦ୍ୟ ସଂସ୍କୃତି ଉପରେ ଏକ ପୁସ୍ତିକା, ଶିଶୁ ପୋଷଣ ପରାମର୍ଶ ପୁସ୍ତିକା ଓ ମିଲେଟ୍ର ପୋଷଣ ଗୁରୁତ୍ୱ ଉପରେ ଏକ ପ୍ରଚାର ପତ୍ର ଅଂଶଗ୍ରାହୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ମିଲେଟ୍ ଆଧାରିତ ପୂରକ ଖାଦ୍ୟ ପ୍ରସ୍ତୁତି ପ୍ରଦର୍ଶନ ଆଦିବାସୀ ମାଆମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା।

ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମ୍ପ୍ରଦାୟର ସଦସ୍ୟ, ବିଭିନ୍ନ ସଂସ୍ଥାର ଛାତ୍ରଛାତ୍ରୀ ଓ ଶିକ୍ଷକମଣ୍ଡଳୀ ଓ ଏମ୍.ଏସ୍.ଏସ୍.ଆ.ରଏଫ୍ର ବୈଜ୍ଞାନିକମାନଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ, ଯାହା ଜ୍ଞାନ ବିନିମୟ ପାଇଁ ଏକ ବିଶିଷ୍ଟ ମଂଚ ଭାବେ ପରିଣତ ହୋଇଥିଲା।

# ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରରେ ନାରୀ ବନ୍ଦନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, ୧୬/୦୪ (ନି.ପ୍ର): ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ନାରୀ ବନ୍ଦନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ନାରୀର ସମ୍ମାନ, ମର୍ଯ୍ୟାଦା, ପ୍ରଗତି, ସ୍ୱୀକୃତି ଓ ସଂରକ୍ଷଣ ପାଇଁ ସରକାର ନେଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ଏଥିରେ ସଭାପତିତ୍ୱ କରିବା ସହିତ ଏହି କାର୍ଯ୍ୟକ୍ରମର ଅଭିଲକ୍ଷ୍ୟ ଏବଂ ପ୍ରତିକ୍ଷେତ୍ରରେ ନାରୀର ମର୍ଯ୍ୟାଦାକୁ କିଭଳି ଗୁରୁତ୍ୱ ଦିଆଯିବ ସେ ସଂପର୍କରେ ଅବଗତ କରାଇଥିଲେ । ଅଧ୍ୟାପିକା ଡକ୍ଟର ରମଣୀ ନାଏକ ଆଲୋଚିକା ଭାବରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ନାରୀର ପ୍ରଗତି ଓ ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ବନ୍ଦନା ବାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପରିଶେଷରେ ଅଧ୍ୟାପକ ହୃଷୀକେଶ ଦାସ ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟ ସ୍ତରୀୟ ପି.ଏମ୍.ଶ୍ରୀ ବାର୍ଷିକ ଉତ୍ସବ ପାଳିତ

ଜୟପୁର, ୧୫/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ମଧ୍ୟରେ ଥିବା କାଠରଗଡ ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ଦ୍ୱିତୀୟ ପିଏମଶ୍ରୀ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମନ୍ତ ମଣ୍ଡଳ ଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ବକ୍ତା ଭାବେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ଙ୍କ ଉପସ୍ଥିତ ଥିବାବେଳେ ସନ୍ନମାନିତ ଅତିଥି ଭାବେ ୩ ନମ୍ବର ଯୋନର ଜିଲ୍ଲା ପରିଷଦ ସଭ୍ୟ ନରସିଂହ ନାଥ ଶତପଥୀ ଗୋଷ୍ଠୀ ମଙ୍ଗଳ ଅଧିକାରୀ ସୋନାଲି ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଙ୍ଗାଧର ନାୟକ, ସମିତି ସଭ୍ୟ ବୃନ୍ଦାବନ ନାୟକ, ସରପଂଚ ମଦନ ଗୌଡ଼, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ଏଲ କଣ୍ଡଲ ରାଓ ଏବଂ ଗଙ୍ଗାଧର ତ୍ରିପାଠୀ, ପ୍ରମୁଖ ମଂଚାସୀନ ହୋଇଥିଲେ ।ପ୍ରଥମେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ମଣ୍ଡଳ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିଲେ। ପିଏମଶ୍ରୀ ଉତ୍ସବ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଏହି ବିଦ୍ୟାଳୟ କୁ ଗୋଟେ ମୋଡେଲ ସ୍କୁଲ କରି ଛାତ୍ର ଛାତ୍ରୀ ମାନଙ୍କ ପ୍ରତିଭାକୁ ଠିକ ଭାବେ ପରିବେଷଣ କରିବା ନିମନ୍ତେ ଏକ ପରିବେଶ ସୃଷ୍ଟି କରିବା ଉଦେଶ୍ୟ ରେ ସେମାନଙ୍କ ସାମୁହିକ ବିକାଶ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭା ଅନ୍ୱେଷଣ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ ଯାହା କି ପ୍ରତ୍ୟେକ ଛାତ୍ର ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରି ସଂଶ୍ଳିଷ୍ଟ ହେବା ପାଇଁ ମୁଖ୍ୟ ବକ୍ତା ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ କହିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ ଅତିଥି ଙ୍କ ଠାରୁ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା ।ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ମନରଞ୍ଜନ କାର୍ଯ୍ୟକ୍ରମ ହୋଇଥିବା ବେଳେ.ପି ଏମ ଶ୍ରୀ ବାର୍ଷିକ ଉତ୍ସବ ରେ ଭଲ ଓ ଉପସ୍ଥାପନା ଦେଇଥିବା ଛାତ୍ରଛତ୍ରୀ ପୁରସ୍କୃତ କରାଯାଇ ଥିଲା ।

# ଟିଟିଲାଗଡ ସାହିତ୍ୟ ସଂସ୍କୃତି ତରଫରୁ ବିଷୁବ ମିଳନ ଉତ୍ସବ ପାଳନ

ବଲାଙ୍ଗିର, ୧୫/୦୪ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଟିଟିଲାଗଡ ସାହିତ୍ୟ ସଂସ୍କୃତି ବିଷୁବ ମିଳନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଡ. ଘନଶ୍ୟାମ ଜୈନ, ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର କଲେଜର ଡ. ଶ୍ୟାମ ଭୋଇ, ସାହିତ୍ୟ ସଂସ୍କୃତିର ସଭାପତି ଜ୍ୟୋତି ପ୍ରକାଶ ଗଡ଼ତିଆ ଓ ସଂପାଦକ ପ୍ରମୋଦ ପାଲ ମଂଚାସିନ ଥିଲେ । ସାହିତ୍ୟ ସଂସ୍କୃତି ସଂସ୍ଥା ଗଠନର ଉଦେଶ୍ୟ ଉପରେ ପ୍ରକାଶ କରିଥିଲେ ରାଜୀବ ଲୋଚନ ପାଢ଼ୀ ଏବଂ ମଂଚ ପରିଚାଳନା କରିଥିଲେ ସତ୍ୟବ୍ରତ ପଣ୍ଡା । ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାର୍ଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ସଂସ୍ଥା ତରଫରୁ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା । ଏହି ଅବସରରେ ବିଷୁବ ସମ୍ମାନରେ ଦୁର୍ବାଦଳ ମେହେର, ଶିକ୍ଷା କ୍ଷେତ୍ରରେ ସରିତା ରାଣୀ ସିଂଦେଓ, ଶିଳ୍ପୀ ସମ୍ମାନ ସ୍ୱାତୀ ସୁଚରିତା ଗୁରୁ, କୁଶଳୀ କଳା କ୍ଷେତ୍ରରେ ଡ.ବ୍ରଜ ମୋହନ ମେହେରଙ୍କୁ ମାନପତ୍ର ଓ ସାଲ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଜଗନ୍ନାଥ ପଣ୍ଡା । ସଂସ୍ଥା ତରଫରୁ ବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଣା ଓ ରାତ୍ରି ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

# ଯାଦବ ମହାସଭା ପକ୍ଷରୁ ପଣା ବିତରଣ ମହୋତ୍ସବ

କେନ୍ଦୁଝର, ୧୫/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଇଷ୍ଟଦେବୀ ମା ତାରିଣୀଙ୍କ ୯୦ ତମ ଚଇତି ପର୍ବ ଅବସରରେ ଜିଲ୍ଲା ଯାଦବ ମହାସଭା ତରଫରୁ ସର୍ବ ପ୍ରଥମେ ମାଙ୍କ ନିକଟରେ ଯାଦବ କୁଳର ଦୁଧ ଦହି ଛେନା ସର ଲବଣୀ ତଥା ଘୃତ ମିଶ୍ରିତ ପଣା ଅର୍ପଣ କରି ଜିଲ୍ଲା ସଭାପତି ଶ୍ରୀ ପ୍ରଦୀପ କୁମାର ବାରିକଙ୍କ ଦ୍ୱାରା ପଣା ବିତରଣ କେନ୍ଦ୍ର ଉନ୍ମୋଚନ କରାଯାଇ ସମଗ୍ର ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟରୁ ଆସିଥିବା ଅଗଣିତ ଭକ୍ତ ମାନଙ୍କୁ ଦିବା ସାତ ଘଟିକାରୁ ଅପରାହ୍ନ ପାଂଚ ଘଟିକା ପର୍ଯ୍ୟନ୍ତ ପଣା ବିତରଣ କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଧାୟକ ଫକୀର ଚରଣ ନାୟକ ସଦୟ ଉପସ୍ଥିତି ହୋଇ ପଣା ସେବନ କରିଥିଲେ ।କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ଉପଦେଷ୍ଟା ପୁରୁଷୋତ୍ତମ ଦାସ, କାର୍ଯ୍ୟକାରୀ ସଭାପତି ସଂଜୀବ କୁମାର ପଲେଇ, ସଂସ୍କୃତି ବିଭାଗ ଜିଲ୍ଲା ସଂଯୋଜକ ଦଶରଥ ବାରିକ, କାର୍ଯ୍ୟକାରୀ ସମ୍ପାଦକ ଅକ୍ଷୟ କୁମାର ଦାସ, କୋଷାଧକ୍ଷ ରାଜେନ୍ଦ୍ର ମହାକୁଡ,ସଂଗଠନ ସମ୍ପାଦକ ଜିତେନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ , ଶିରୀଶ ଚନ୍ଦ୍ର ଗିରି ,ମନ୍ମଥ ଘଣାଏବଂ ବରିଷ୍ଠ ଯାଦବ ପପୁ ଯାଦବ ଏବଂସଦର ବ୍ଲକ ସଂସ୍କୃତି ବିଭାଗ ସଭାପତି ପ୍ରସନ୍ନ କୁମାର ଦାସ,ଘଟଗାଁ ବ୍ଲକ ସଭାପତି ସୂର୍ଯ୍ୟମଣି ବାରିକ, ସମ୍ପାଦକ ରୋହିତ ବେହେରା ଓ ନକୁଳ ଚନ୍ଦ୍ର ପଲେଇ ତଥା ଅନ୍ୟାନ୍ୟ ସାଥୀ ବୃନ୍ଦ, ହରିଚନ୍ଦନପୁର ବ୍ଲକ ସଭାପତି ଶୁକଦେବ ମହାକୁଡ ଓ ଅନ୍ୟାନ୍ୟ କର୍ମକର୍ତ୍ତା ତଥା ସଭ୍ୟ ସମେତ ଦଶ ଜଣ ସ୍ୱେଚ୍ଛାସେବକ,ପାଟଣା ବ୍ଲକ ସମ୍ପାଦକ ରଞ୍ଜନ କୁମାର ବାରିକ, ବାଂଶପାଳ ବ୍ଲକ ପ୍ରତିନିଧି ଅଶୋକ କୁମାର ପଲେଇ ଓ ସାଥୀ ବୃନ୍ଦ,ଘଷିପୁରା ବ୍ଲକ ପ୍ରତିନିଧି ଅଭୟ କୁମାର ଦାସ ଓ ସାଥୀ ବୃନ୍ଦ,ଆନନ୍ଦପୁର ବ୍ଲକ ପ୍ରତିନିଧି ସାମ୍ବାଦିକ ସତ୍ୟ ଦାସ ଓ ଅନ୍ୟାନ୍ୟ ସାଥୀ ବୃନ୍ଦ,ହାଟଡିହି ବ୍ଲକ ଏବଂ ଅନ୍ୟାନ୍ୟ ବ୍ଲକ ଓ ପୌରାଂଚଳର ପ୍ରତିନିଧି ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବ୍ରହ୍ମବରଦାରେ ବେଆଇନଭାବେ ଚାଲିଛି କାଠ ଡିପୋ : କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଂଚଳବାସୀ

ଧର୍ମଶାଳା, ୧୬/୦୪ (ନି.ପ୍ର): ଗଛ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ସଚେତନ କରାଯାଇବା ସହିତ ବନିକରଣ ନିମନ୍ତେ ବିଭିନ୍ନ ସ୍ଥାନରେ ଗଛ ଲଗାଯାଉଛି । ସେପଟେ ପ୍ରଶାସନ ପକ୍ଷରୁ ସେପରି କିଛି ପଦକ୍ଷେପ ନ ନେବାରୁ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଅଢି ପାଇବାରେ ଲାଗିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବୈରୀ ବନବିଭାଗ ଅଧିନରେ ଥିବା ରସୁଲପୁର ବ୍ଲକ ଅଂଚଳରେ । ବେଧଡକଭାବେ ବେଆଇନଭାବେ କାଠ କଟା ଯାଉଥଇବା ବେଳେ ଛକ ବଜାରରେ ମୁନାଫାଖୋର ବ୍ୟବସାୟୀ ପ୍ରଶାସନକୁ ହାତବାରିସୀ କରି ମାଳମାଳ ଖୋଲାମେଲାରେ କାଠ ଡିପୋ କରି ବ୍ୟବସାୟ ଚଳାଇଛନ୍ତି । ଏହି ବ୍ଲକ ଅନ୍ତର୍ଗତ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ ଗୋଟିଏ ସ୍ଥାନରେ ସ୍ୱୀକୃତିପ୍ରାପ୍ତ କାଠ ଡିପୋ ରହିଥିବା ବେଳେ ବାକି ୫ଗୋଟି ସ୍ଥାନରେ ବେଆଇନଭାବେ କାଠ ଡିପୋ କରାଯାଇ ବେଧଡକ ଭାବେ ବ୍ୟବସାୟ କରି ଜନସାଧାରଣମାନଙ୍କୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ବ୍ୟବସାୟୀମାନେ ବିଭିନ୍ନ ଅଂଚଳରୁ ନାମୀଦାମୀ ଗଛ କାଟି ସେଗୁଡ଼ିକୁ ସ-ମିଲମାନଙ୍କରେ କାଟି ଘର ନିକଟରେ କାଠ ଡିପୋରେ ଶଗୁଆନ,ପିଆଶାଳ,ଶାଳ,ପୁଟିଆ,ଆମ୍ବ ଓ ପଣସ ମହଜୁଦ ରଖି ଗ୍ରାହକମାନଙ୍କୁ ଚଢ଼ା ଦରରେ ବିକ୍ରୀ କରିଥାନ୍ତି । ସେପଟେ ବନବିଭାଗକୁ ହାତ କରି ଏହି ବ୍ୟବସାୟ ନିତି ଦିନିଆରେ ପରିଣତ କଲେଣି । ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ ଲୋକ ଦେଖାଣିଆଭାବେ ବ୍ୟବସାୟୀଙ୍କୁ ଆଗୁଆ ସୂଚନା ଦେଇ ଚଢାଉ କରୁଛନ୍ତି । ଆଗୁଆ ସୂଚନା ଦେବା ଫଳରେ ବ୍ୟବସାୟୀମାନେ ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପଂହଚିବା ପୂର୍ବରୁ ସେମାନେ କାଠ ଡିପୋ ବନ୍ଦ କରି ଦେଉଛନ୍ତି ।

# ଭୋଗରାଇ କୋଷ୍ଟ କେନାଲ ସ୍ଥିତି ଅନୁଧାନ ପାଇଁ ସେଣ୍ଟ୍ରାଲ ଟିମ

## ପଶ୍ଚିମବଙ୍ଗର ସୀମା ମାନକୁଣ୍ଡାଠାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ଭୋଗରାଇ ପରିସୀମାରେ କୋଷ୍ଟ କେନାଲ ନେଇ ଭୋଗରାଇ ବିଧାୟକଙ୍କ ପ୍ରତିକ୍ରିୟା

ବାଲିଆପାଳ , ୧୬/୪ (ନି.ପ୍ର): ନଅଙ୍କ ଦୁର୍ଭିକ୍ଷ ପରେ ୧୮୮୦ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମିତ ୨୨୧ କିମି ଲମ୍ବ କୋଷ୍ଟ କେନାଲ ଏବେ ମୃତ ପ୍ରାୟ । ଏକଦା ଏଇ କେନାଲ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟିକ କାରବାର ତଥା ଜଳପଥରେ ଗମନାଗମନର ଏକ ପ୍ରମୁଖ ମାଧ୍ୟମ ଥିଲା । ଏହାଛଡ଼ା କେନାଲର ଦୁଇ ପାର୍ଶ୍ୱରେ ଥିବା ହଜାର ହଜାର ଏକର ଚାଷ ଜମିକୁ ଜଳସେଚନ ମଧ୍ୟ ହେଉଥିଲା । ବ୍ରିଟିଶ ଅମଳରେ ହୋଇଥିବା ଭୋଗରାଇ କୋଷ୍ଟ କେନାଲର ସ୍ଥିତି ଅନୁଧାନ କଲେ ସେଣ୍ଟ୍ରାଲ ୱାଟର କମିଶନ,ତୁରନ୍ତ ପୁନଃଉଦ୍ଧାର ନେଇ ଦାବି କଲେ



ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସୂଚନା ଅନୁଯାଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ଦେଇ ଯାଇଥିବା ବ୍ରିଟିଶ ଅମଳର କୋଷ୍ଟ କେନାଲ ଆଜିକୁ ୨୦ ବର୍ଷ ଧରି ପୋତି ହୋଇ ଗଲାଣି । ଏହାର ରକ୍ଷଣ ବ୍ୟକ୍ଷଣ ଅଭାବ ଯୋଗୁ ଦଳ ଓ ଅନାବନା ଲଟାରେ ପରିପୂର୍ଣ୍ଣ ହୋଇଛି । ଆଜି ପର୍ଯ୍ୟନ୍ତ ଏହାକୁ ପୁନଃଉଦ୍ଧାର କରିବା ପାଇଁ ସ୍ଥାନୀୟ ବାସୀଙ୍କ ବାରମ୍ବାର ଦାବୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନି । ତେବେଏକ ବର୍ଷ ତଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏକ କେନ୍ଦ୍ରୀୟ ଟିମ ନେଇ ଏହାର ପରିଦର୍ଶନ କରିଥିଲେ , ପୁଣି ଭୋଗରାଇ ବିଧାୟକ ଏକ ଗୌତମ ବୁଦ୍ଧ ଦାସ ସେଣ୍ଟ୍ରାଲ ୱାଟର କମିଶନକୁ ଚିଠି ପୁନଃଉଦ୍ଧାର ପାଇଁ ଜଣାଇ ଥିଲେ । ଏ ନେଇ ଆଜି ଏକ ସେଣ୍ଟ୍ରାଲ ୱାଟର କମିଶନର ଏକ ୩ ଜଣିଆ ଟିମ ପହଂଚି ଏହି କଷ୍ଟ କେନାଲ ପରିଦର୍ଶନ କରିଛନ୍ତି । ପରିଦର୍ଶନ ପରେ ଏକ ରିପୋର୍ଟ ପ୍ରସ୍ତୁତ କରି ଉପରିସ୍ଥ ଅଧିକାରୀଙ୍କୁ ଦିଆଯିବ ବୋଲି ଜଣାଇଛନ୍ତି । ତେବେ ଏହି ପରିଦର୍ଶନ କେବେଳ ଖାତା କଲମରେ ରହୁଛି ନା ବାସ୍ତବରେ ଏହାର ପୁନଃ ଉଦ୍ଧାର ହେଉଛି ତାହା ସମୟ କହିବ । ଅନ୍ୟପଟେ ବିଧାୟକ ଆସିଥିବା ଟିମ ସହ ଆଲୋଚନା କରି ତୁରନ୍ତ ଏହାକୁ ପୁନଃ ଉଦ୍ଧାର କରିବା ପାଇଁ ଦାବୀ କରିଛନ୍ତି ପଶ୍ଚିମବଙ୍ଗର ସୀମା ମାନକୁଣ୍ଡା ଠାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ଆମ ଭୋଗରାଇ ପରିସୀମାରେ ଆସୁଥିବା ପ୍ରାୟ ୧୪ କିମି ଲମ୍ବ କେନାଲର ଏହି ଅଂଶ ଏବେ ବିଲାତି ଦଳରେ ପରିପୂର୍ଣ୍ଣ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । ତେଣୁ ଏହାର ପୁନରୁଦ୍ଧାର ପାଇଁ ମୁଁ ଗତ ମାର୍ଚ୍ଚ ମାସରେ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ସଚିବଙ୍କୁ ଏକ ଚିଠି ଲେଖି କୋଷ୍ଟ କେନାଲ ପରିଦର୍ଶନ ପାଇଁ ଅନୁରୋଧ କରିଥିଲି । ଏହି ଚିଠି ଆଧାରରେ ଆଜି କେନ୍ଦ୍ରୀୟ ଜଳ ଆୟୋଗ (ଉଡଉ)ର ନିର୍ଦ୍ଦେଶକ ମନୋଜ କୁମାରଙ୍କ ନେତୃତ୍ୱରେ ଏକ ତିନି ଜଣିଆ ପ୍ରତିନିଧିଦଳ ଆଜି ଭୋଗରାଇରେ ପହଞ୍ଚି ଆମ ସହ ମାନକୁଣ୍ଡାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ୧୪ କିମି ଲମ୍ବ କୋଷ୍ଟକେନାଲ ପରିଦର୍ଶନ କଲେ ଏବଂ ଆମଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କଲେ । ଖୁବଶୀଘ୍ର ଉଡଉ ର ଏହି ଟିମ୍ ଜଳ ଶକ୍ତି ମନ୍ତ୍ରଣାଳୟକୁ ଏକ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରିବେ । ମୋର ଆଶା ଓ ବିଶ୍ୱାସ, ଭାରତ ସରକାର ଆମ ଦାବି ପୂରଣ କରିବେ ।

# ଉଦ୍‌ଘାଟିତ ହେଲା ସାରୁଗାଁ ମହୋତ୍ସବ

## ଦର୍ଶକଙ୍କ ମନଛୁଇଁଲା ଶିବପ୍ରସାଦଙ୍କ ପ୍ରବଚନ ଓ ପପୁଙ୍କ କମେଡି

ଖଇରା, ୧୬/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡା ପଡିଆରେ ମଙ୍ଗଳବାର ସଂଧ୍ୟାରେ ଆମ ସାରୁଗାଁ ମହୋତ୍ସବ ଉଦଘାଟିତ ହୋଇ ଯାଇଛି । ବିଧାୟକ ପଦ୍ମଲୋଚନ ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବ ନିଜ ଗାଁ ଓ ନିଜ ଅଞ୍ଚଳର ପରମ୍ପରା ଓ ସଂସ୍କୃତିକୁ ଉଦଯିବିତ କରିଥାଏ ବୋଲି ପ୍ରକାଶ କରିଥିଲେ । କମିଟି ସଭାପତି ରଘୁନାଥ ମହାନ୍ତି ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜିବୀ ଯୁଧିଷ୍ଠିର ନାୟକ ସମ୍ମାନନୀୟ ଅତିଥି, ସମ୍ପାଦକ ଜୟନ୍ତ କୁମାର ଦାସ ବିବରଣୀ ପାଠ କରିଥିଲେ । ବିଶିଷ୍ଟ ପ୍ରବଚକ ଶିବପ୍ରସାଦ ଦାସ ଈଶ୍ୱରଙ୍କ ମହିମା ବର୍ଣ୍ଣନା ପରିବେଶକୁ ଅତ୍ୟନ୍ତ ଭାବ ବିହ୍ୱଳ କରିଥିଲା । ସେହିଭଳି ବୁଧବାର




ଦ୍ୱିତୀୟ ସଂଧ୍ୟାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନିଳିଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ,ପ୍ରାକ୍ତନ ସଦର ବିଧାୟକ ସ୍ୱରୂପ ଦାସ,ପ୍ରାକ୍ତନ ରେମୁଣା ବିଧାୟକ ସୁଧାଂଶୁ ପରିଡା, ଯୁବ ବିଜେଡି ସଭାପତି ଶୁଭେନ୍ଦୁ ମଙ୍ଗରାଜ,ସମିତିସଭ୍ୟ ପ୍ରତିନିଧି ଜିତେନ୍ଦ୍ର ବେହେରା,ଯୁବ ନେତା ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ନିଜ ଅଞ୍ଚଳର ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଯାତ୍ରା କଳାକାର ବିଷ୍ଣୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ କମେଡି କିଙ୍ଗ ପପୁ ପମପମଙ୍କ ହାସ୍ୟ ଅଭିନୟ ରେ ଦର୍ଶକ ଭରପୁର ମଜାନେବା ସହ କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି ଓ ସୌଜନ୍ୟ ରଥଙ୍କ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା । କମିଟି ସଦସ୍ୟ ଗୌତମ ରାଉତ, ହେମନ୍ତ ଲେଙ୍କା,ଶଙ୍କର୍ଷଣ ନାୟକ ଓ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପୁସ୍ତକ ଲୋକାର୍ପଣ ଓ ଆଲୋଚନାଚକ୍ର

ନୂଆପଡ଼ା, ୧୬/୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ଲୋହିତାକ୍ଷ ଯୋଷୀଙ୍କ ପାଠାଗାର ଠାରେ ପୁସ୍ତକ ଲୋକାର୍ପଣ ସମାରୋହ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ସଞ୍ଜୟ କୁମାର ମିଶ୍ରଙ୍କ ସଂପାଦିତ ପୁସ୍ତକ 'ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

# ଉଜ୍ଜ୍ୱଳା ଗ୍ୟାସ ହେରଫେର: ହିତାଧିକାରୀଙ୍କ ଗ୍ୟାସ ଉଠାଇ ନେଉଛି ଅଫିସ

ବାଲିଆପାଳ , ୧୬/୪ (ନି.ପ୍ର): ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ନଥିବା ପରିବାରକୁ ସରକାରଙ୍କ ତରଫରୁ ମାଗଣାରେ ଗ୍ୟାସ ସଂଯୋଗ ପ୍ରଦାନ କରାଯାଉଅଛି । ମାତ୍ର ତୃଣମୂଳ ସ୍ତରରେ ମହିଳା ମାନଙ୍କୁ ବର୍ତ୍ତମାନ ଏହି ଯୋଜନାରେ ଗ୍ୟାସ ସଂଯୋଗ ଏବଂ ଗ୍ୟାସ ପୁନର୍ବାର ଭରିବା ପାଇଁ ନାକେଦମ ହେବାକୁ ପଡୁଛି । ଗ୍ୟାସ ଗୋଦାମରେ ଘରୋଇ ଗ୍ୟାସ ଗଛିତ ଥିବା ସତ୍ତ୍ୱେ ପ୍ରାଚ୍ୟ ଦେଶରେ ଯୁଦ୍ଧ ହେଉଥିବା ବାହାନା ଦେଖାଇ ଗ୍ୟାସ ଅଫିସ କର୍ମଚାରୀମାନେ ମହିଳା ମାନଙ୍କ ନାମରେ ଆସିଥିବା ଗ୍ୟାସ, ଚୁଲା, ରେଗୁଲେଟର ଓ ପାଇପ ସାମଗ୍ରୀକୁ ହେରଫେର କରୁଥିବାର ଅଭିଯୋଗ ଆସିଛି । ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା କୁଣ୍ଡଳୀ ପଞ୍ଚାୟତର ସୁମତି ସୋରେନ, ସଂଯୁକ୍ତା ମଲ୍ଲିକ, ଶକୁନ୍ତଳା ସେଠି,




ମମତା ମହାନ୍ତି, ରେବତୀ ମଲ୍ଲିକ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ପାଇଁ ବସ୍ତା ବ୍ଲକ ନାରୋଗଦା ଠାରେ ଥିବା କାର୍ତ୍ତିକ ଇଣ୍ଡିଆନ ଗ୍ୟାସ ଅଫିସ ରେ ଆବେଦନ କରିଥିଲେ । ହେଲେ ଅଫିସ ତରଫରୁ ମହିଳାଙ୍କ କେୱାଇସି ଏବଂ ତାଙ୍କୁ ଗ୍ୟାସ ଦିଆଯାଇଛି ବୋଲି ଫୋଟୋ ଉଠାଗଲା ପରେ ବି ମହିଳାମାନେ ଗ୍ୟାସ, ଚୁଲା ଓ ପାଇପ ପାଇବାରୁ ବଞ୍ଚିତ ଥିଲେ । ହିତାଧିକାରୀଙ୍କ ଗ୍ୟାସ ସଂଯୋଗ ନମ୍ବର ଅନଲାଇନରେ ଚେକ କରିବାରୁ ଜାଣିବାକୁ ମିଳିଥିଲା ୪୦ ଦିନ ପୂର୍ବରୁ ଏହି ମହିଳାଙ୍କ ନାମରେ ଗ୍ୟାସ ଉଠାଯାଇଛି । ଠିକ ସେହିପରି ଇଡିଦା ପଞ୍ଚାୟତର କବିତା ଦାସ ଏହି ଅଫିସରେ ନୂତନ ଉଜ୍ଜ୍ୱଳା ଗ୍ୟାସ ପାଇଁ ଆବେଦନ କରି ଖାତା ନମ୍ବର ପାଇଥିବା ସତ୍ତ୍ୱେ ତାଙ୍କୁ ଆଜି ପର୍ଯ୍ୟନ୍ତ ଗ୍ୟାସ, ଚୁଲା ଓ ପାଇପ ମିଳି ନଥିବାର ସମସ୍ତେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଉଜ୍ଜ୍ୱଳା ଗ୍ୟାସ ପାଇଥିବା କୁଣ୍ଡୁଳି ପଞ୍ଚାୟତର ବସୁମତୀ ଜେନା, ବାପୁନ ସାମଲ, ନମିତା ସାମଲ, ଜଲ୍ଲି ମଲ୍ଲିକ, ଗାନ୍ଧାରୀ ପଟ୍ଟାୟତ, ପ୍ରତିମା ରାଉଳ, ପାର୍ବତୀ ମଲ୍ଲିକ, ରାଜା ହରିଶ୍ଚନ୍ଦ୍ର ବେହେରା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ଗ୍ୟାସ ପୁନର୍ବାର ଭରିବା ପାଇଁ ବୁକିଙ୍ଗ କରିଥିଲେବି ତାଙ୍କୁ ଗ୍ୟାସ ନଦେଇ ତାଙ୍କୁ ନଜଣାଇ ତାଙ୍କ ନାମରେ କାର୍ତ୍ତିକ ଇଣ୍ଡେନ ଗ୍ୟାସ ଅଫିସର କର୍ମଚାରୀମାନେ ଉଠାଇ ନେଇଥିବା ଅଭିଯୋଗ କରିଥିଲେ । ଯାହା ଗ୍ୟାସ କଳାବଜାରୀ ନଗ୍ନରୂପ କୁ ସୁଚାଉଛି । ତେବେ ଏ ବିଷୟରେ ଗଣମାଧ୍ୟମ ପ୍ରତିନିଧି ଜାଣିଲା ପରେ ହିତାଧିକାରୀଙ୍କ ସହ ନାରୋଗଦା ଠାରେ ଥିବା କାର୍ତିକ ଇଣ୍ଡେନ ଗ୍ୟାସ ଅଫିସର ପରିଚାଳକ ବାଲୁଙ୍କେଶ୍ୱର ବେହେରା ଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଥିଲେ । ତେବେ କିଛି ଅଫିସ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଥିବା ସ୍ୱୀକାର କରିବା ସହ କିଛି ଆବେଦନକାରୀଙ୍କୁ ସଙ୍ଗେ ସଙ୍ଗେ ଗ୍ୟାସ, ଚୁଲା, ପାଇପ ଦେବା ସହିତ ଅନ୍ୟମାନଙ୍କୁ ପୁନର୍ବାର ଗ୍ୟାସ ଭାରଇବାର ସୁଯୋଗ ଦେଇଥିଲେ ।

# ପାଖେଇ ଆସୁଛି ମନ୍ତ୍ରମୁଗ୍ଧର ମୁକ୍ତିଲାଭ ଦିବସ

ଭୁବନେଶ୍ୱର, ୧୬/୪ (ନି.ପ୍ର): ଓଡ଼ିଆ ସିନେ ଦର୍ଶକଙ୍କ ପାଇଁ ଏକ ନୂଆ ସମ୍ଭାବନା ନେଇ ଆସୁଛି ମନ୍ତ୍ରମୁଗ୍ଧ । ମଲ୍ଟି ଯଙ୍ଗ ଷ୍ଟାର୍ସଙ୍କୁ ନେଇ ନିର୍ମାଣ ହୋଇଥିବା ମନ୍ତ୍ରମୁଗ୍ଧ ସାରା ଓଡ଼ିଶାରେ ଆସନ୍ତା ମେ ୧ ତାରିଖରେ ମୁକ୍ତିଲାଭ କରିବା ଖବର ପ୍ରାୟ ସବୁ ସିନେପ୍ରେମୀଙ୍କ ପାଖରେ ଅଛି । ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ଧାରା ପରିବର୍ତ୍ତନର ସୂତ୍ରଧର, ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଭିନ୍ନ ଏକ ପରିକଳ୍ପନା ମନ୍ତ୍ରମୁଗ୍ଧ । ଅତ୍ୟାଧୁନିକ ଭିଏଫଏକ୍ସ, ଗ୍ରାଫିକ୍ସ, ହର୍, କମେଡି ସାଙ୍ଗକୁ ମ୍ୟୁଜିକ୍ ସବୁକିଛି ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ନୂଆ ଅନୁଭୂତି ଯୋଗାଇବ । ନିକଟରେ ମୁକ୍ତିଲାଭ କରିଥିବା



ଗୀତଗୁଡିକ କୋଟି ଓଡ଼ିଆଙ୍କ ହୃଦୟ ଜିତି ସାରିଛି । ଗୋଟିଏ ଗୀତରେ ଚାରି ଜଣ ନାୟକ ଓ ନାୟିକାଙ୍କ ଅଭିନୟର ଯାଦୁ ଦେଖିବେ ଦର୍ଶକ । ଗଞ୍ଜାମ ଜିଲ୍ଲାର ଧରାକୋଟର ସେଇ ପ୍ରାଚୀନ ରାଜପ୍ରସାଦରେ ଦୀର୍ଘ ୫୦ ଦିନ ଧରି ସୁଟିଂ ହୋଇଥିବା ଛାତିଥରା ଦୃଶ୍ୟ ମନ୍ତ୍ରମୁଗ୍ଧ ମାଧ୍ୟମରେ ଦେଖିବେ ଦର୍ଶକ ।ଧରାକୋଟର ପ୍ରାଚୀନ ରାଜ ପ୍ରସାଦରେ ରହିଛି ଅନେକ ଐତିହ୍ୟ । ଓଡ଼ିଆ ମାନଚିତ୍ରରେ ତାର ସ୍ୱତନ୍ତ୍ର ପରିଚୟ ରହିଛି, ହେଲେ ଆଜି ବି ଅବହେଳିତ ହୋଇ ରହିଛିଧରାକୋଟ ରାଜବାଟୀ ।ସେହି ରାଜବାଟୀରେ ଘଟୁଥିବା ଏକ ହରର୍ କାହାଣୀକୁ ଦେଖେଇବା ସହିତ ସେଇ ଐତିହାସିକ ସ୍ଥାନକୁ ଚଳଚ୍ଚିତ୍ର ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଏକ ବଡ଼ ଷ୍ଟାରକାଷ୍ଟ ସହିତ ପରଦାକୁ ଆସିବା ପାଇଁ ମନ୍ତ୍ରମୁଗ୍ଧ ପ୍ରସ୍ତୁତ ହୋଇସାରିଛି । ନାୟକ ସନୋଜ, ମନ୍ମୟ, ସାର୍ଥକ, ନାୟିକା ଭୂମିକା ଦାଶ, ସୂର୍ଯ୍ୟମୟୀ, ବର୍ଷା ପଟ୍ଟନାୟକ, ଦୀପନ୍ୱିତ, ନିଶାନ୍ତ,ହର ରଥ, ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କ ସମେତ ଆହୁରି ଅନେକ କଳାକାର ମନ୍ତ୍ରମୁଗ୍ଧରେ ନଜର ଆସିବେ ।ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକଙ୍କ ପ୍ରଯୋଜିତ ମନ୍ତ୍ରମୁଗ୍ଧରେ ତାଙ୍କର ପୁରା ଟିମ୍ ର ସହଯୋଗ ରହିଥିବା ବେଳେ ଓଲିଉଡ଼ ସିନେ ଇଣ୍ଡଷ୍ଟ୍ରିରେ ଆଗାମୀ ଦିନରେ ଏହି ଚଳଚ୍ଚିତ୍ର ଚହଳ ସୃଷ୍ଟି କରିବ ବୋଲି କାର୍ଯ୍ୟନିର୍ବାହୀ ପ୍ରଯୋଜକ ଗୋପାଳ ଚନ୍ଦ୍ର ଘଡ଼ାଇ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜି ବିଜୁ ବାବୁଙ୍କ...

ତେଣୁ ଏହି ସମାବେଶ ପରେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇପାରେ । ରାଜ୍ୟସଭା ନିର୍ବାଚନ ପରେ ସକ୍ରିୟ ହୋଇଛନ୍ତି ବିଜୁ ଲିଗାସି ଏବଂ ବିଜେଡି ଉପରେ ଆଖି ରଖିଛନ୍ତି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ମଞ୍ଚ ନୂଆ ଅବତାରରେ ଆସିପାରେ । ଅନ୍ୟପଟେ ବିଜୁ ଶ୍ରାଦ୍ଧ ଦିବସରେ ନବୀନ କଣ କରୁଛନ୍ତି ତା ଉପରେ ରହିଛି ନଜର ।

### ସୀମା ପୁନଃନିର୍ଦ୍ଧାରଣ...

ଦଳଗତ ନିର୍ବିଶେଷରେ ରାଜ୍ୟ ସ୍ୱାର୍ଥ ପାଇଁ ସମସ୍ତେ ସ୍ୱର ଉଠାଅ । ସେପଟେ ଆଇନ ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଐତିହାସିକ ନିଷ୍ପତ୍ତି ନେବାକୁ ଯାଉଛନ୍ତି । ନବୀନଙ୍କ ଚିଠି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜୋରଦାର କାଉଂଟର କରିଛନ୍ତି । ରାହୁଲ ଗାନ୍ଧୀ ଯାହା କହିଲେ ତାକୁ ଦେଖି ନବୀନ ବିରୋଧ କରୁଛନ୍ତି । ଚୋରା ପୀରତି ବନ୍ଦ ହେଉ, ଯାହା କରିବା କଥା ଖୋଲା ଖୋଲି କରନ୍ତୁ ବୋଲି କହିଛନ୍ତି ସୁରେଶ ପୂଜାରୀ । ବିଲକୁ ନେଇ ସଂସଦରେ ଜୋରଦାର ଆଲୋଚନା ଚାଲିଛି । କୌଣସି ରାଜ୍ୟର କ୍ଷତି ହେବନି ବୋଲି ପ୍ରଧାନମନ୍ତ୍ରୀ ସଂସଦରେ ପ୍ରତିଶ୍ରୁତି ଦେଉଛନ୍ତି । ତଥାପି ୨୦୧୧ ଜନଗଣନାକୁ ଆଧାରକୁ ନେଇ ଡିଲିମିଟେସନ କରାଗଲେ ତାମିଲନାଡୁ, କେରଳ, ଓଡ଼ିଶା, ପଶ୍ଚିମବଙ୍ଗ ଓ ତେଲେଂଗାନା ଭଳି ରାଜ୍ୟ କ୍ଷତିରେ ପଡ଼ିବେ ବୋଲି ଆଶଙ୍କା କରାଯାଉଛି ।

### ବଢୁଛି ସୂର୍ଯ୍ୟଙ୍କ କୋପ...

ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ନୟାଗଡ, ଗଂଜାମ,ଗଜପତି, ମୟୁରଭଞ୍ଜ କେନ୍ଦୁଝର, ଯାଜପୁର, ସୁନ୍ଦରଗଡ,ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଏହି ୧୮ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ ରୁ ୫୦ କିମି ପବନ ବହିବାର ସମ୍ଭାବନା ରହିଥିବା ବେଳେ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଆସନ୍ତାକାଲି ମଧ୍ୟ କାଳବୈଶାଖୀର ପ୍ରଭାବ ରହିବା ସହ ଗରମ ଓ ଗୁଳୁଗୁଳି ଲାଗିରହିବ । ପ୍ରବଳ ଖରା ଓ ଗରମ ଗୁଳୁଗୁଳି କୁ ନେଇ ଆସନ୍ତାକାଲି ସମାନ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ପାଇଁ ମଧ୍ୟ ହଳଦିଆ ଚେତାବନୀ ରହିଛି । ୧୮ ତାରିଖରୁ ପ୍ରବଳ ଖରା ଓ ଗରମ ପାଇଁ ବଲାଙ୍ଗୀର, ଝାରସୁଗୁଡା ଓ ସମ୍ବଲପୁର ଏହି ୩ ଜିଲ୍ଲାକୁ ହିଟ୍ ୱେଭ ବା ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ୨୨ ତାରିଖ ଯାଏ ଖରା, ଗରମ ଓ ଅସହ୍ୟ ଗୁଳୁଗୁଳି ସହ ବର୍ଷା ରହିବାର ପୂର୍ବାନୁମାନ କରିଛି । ସେପଟେ ଦିନର ତାପମାତ୍ରା ୨ ଦିନ ଭିତରେ ୨ ରୁ ୩ ଡିଗ୍ରି ବଢ଼ିବା ସହ ତାପମାତ୍ରା ୪୩ ରୁ ୪୪ ଡିଗ୍ରି ଛୁଇଁପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଏହାସହ ରାୟଗଡ଼ାରେ ଆଗାମୀ ୨ ଘଣ୍ଟା ଯାଏ ବିଜୁଳି ଘଡଘଡି ସହ ବର୍ଷା ର ସମ୍ଭାବନାକୁ ନେଇ ଚେତାବନୀ ଜାରି କରିଛି ବିଭାଗ । ଅନ୍ୟପଟେ ଗତ ୨୪ ଘଣ୍ଟାରେ ୮ ଟି ସ୍ଥାନରେ ୪୦ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଥିବା ସର୍ବାଧିକ ତାପମାତ୍ରା ଟିଟିଲାଗଡ଼ରେ ୪୨ ଡିଗ୍ରୀ ରେକର୍ଡ ହୋଇଛି ।

### ଦିଲ୍ଲୀ ବିମାନ ବନ୍ଦରରେ...

ଘଟଣା ପରେ ଆକାଶ ଏୟାରଲାଇନ୍ସ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ସେମାନଙ୍କ ବିମାନଟି ସ୍ଥିର ଅବସ୍ଥାରେ ଥିବା ବେଳେ ଅନ୍ୟ ବିମାନଟି ସହ ସଂସ୍ପର୍ଶରେ ଆସିଥିଲା ଏବଂ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଛି । ବିମାନ ବନ୍ଦରର ଗ୍ରାଉଣ୍ଡ ଟିମ୍ ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିଛନ୍ତି ଯାହାଦ୍ୱାରା ସେମାନେ ଶୀଘ୍ର ହାଇଦ୍ରାବାଦରେ ପହଞ୍ଚିପାରିବେ ।

# ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ , ୧୬/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ସ୍ଥିତ ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦେବତୋଷ କୁମାର ଦତ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ସଭାକୁ ତୀର୍ଥ କୁମାର ନାଗ ପରିଚାଳନା କରିଥିଲେ । ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ଯୋଗଦେଇଥିଲେ । ସଭା ଆରମ୍ଭରେ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ଶ୍ରୀ ଦତ୍ତଙ୍କ ଅକାଳ ମୃତ୍ୟୁରେ ଛାତ୍ର ଜଗତର ଅପୁରଣୀୟ କ୍ଷତି ଘଟିଛି ବୋଲି କହିବା ସହିତ ସାରଙ୍କ ସହିତ ବିତାଇଥିବା ସମୟର ଅନୁଭୂତିକୁ ଛାତ୍ର ଛାତ୍ରୀ ବଖାଣି ଥିଲେ । ସମସ୍ତେ ଲୁହ ଭିଜା ଆଖିରେ ଫୋଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ସମୟରେ ଚୈତନ୍ୟ କୁମାର ଜେନା, ଅଜୟ କୁମାର ବେହେରା,କିରଣ ବାଳା ପାତ୍ର, ସଦାନନ୍ଦ ମହାନ୍ତି, ଅରୁଣ କୁମାର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରସାନ୍ତ କୁମାର କରଣ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୩୮ ୟୁନିଟ୍ ସଂଗୃହୀତ

ବାଲେଶ୍ୱର, ୧୬/୪ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସାନଖୁଡ଼ି ଗ୍ରାମ ସ୍ଥିତ ମା ବାଟମଙ୍ଗଳାଙ୍କ ବାର୍ଷିକ ପୂଜା ଉତ୍ସବ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବାଲେଶ୍ୱର ଉତ୍ତର ଭାଜପା ସାଙ୍ଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ଏହି ଶିବିର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ବସ୍ତା ମଣ୍ଡଳ ସଭାପତି ପ୍ରସନ୍ନ କୁମାର ପଣ୍ଡା, ମହିଳା ମୋର୍ଚ୍ଚା



ସାଙ୍ଗଠନିକ ଜିଲା ସଭାନେତ୍ରୀ ମନୋରମା ଦାସ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବ୍ଲଡ ବ୍ୟାଙ୍କ ଅଫିସର ଓ ସହକର୍ମୀଙ୍କ ତତ୍ତ୍ୱାବଧାନରେ ୩୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । କମିଟି କର୍ମକର୍ତ୍ତା ରତିକାନ୍ତ ଦାସ, ଦୀପକ ଦାସ, ଅଜୟ କୁମାର ଦାସ, ନୃସିଂହ ମହାଳିକ, ରାଜା ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ ।


## ନାମଲେଖା ଚାଲୁଅଛି

### ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର, ଧରମପୁର, ଫୁଲାଡ଼ି, ବାଲେଶ୍ୱର

'ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱର ଦ୍ୱାରା ଅନ୍ତର୍ଭୁକ୍ତ ।'

**Recognised by Govt. of Odisha & affiliated to U.S.P.**
**Bhubaneswar, Odisha**
**UDISE Code: 21080909781**

ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଆଦର୍ଶ ବିଦ୍ୟାଳୟରେ **KG-1** ରୁ **STD-5** ପର୍ଯ୍ୟନ୍ତ ୨୦୨୬-୨୭ ପାଇଁ ନାମଲେଖା ଆରମ୍ଭ ହୋଇଅଛି ।

ଆମେ ପ୍ରତିଶୃତିବଦ୍ଧ:- ଇଂରାଜୀ ବିଷୟ ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ସରକାରଙ୍କ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ପାଠ୍ୟଖସଡା ସହ ମାତୃଭାଷା ବୌଦ୍ଧିକ ଗୁରୁତ୍ୱ, ନୈତିକ ଶିକ୍ଷା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, କମ୍ପ୍ୟୁଟର, ଯୋଗାସନ ଶିକ୍ଷାଦାନ ଅଭିଜ୍ଞ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ଦିଆଯାଏ । ସମସ୍ତ ପ୍ରକାର ବୃତ୍ତି ପରୀକ୍ଷାରେ ଆମ ଅନୁଷ୍ଠାନ ପାରଦର୍ଶିତା ଲାଭ କରିଥାଏ । ଚଳିତ ବର୍ଷ (୨୦୨୬-୨୭) ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ପାଇଁ ଆମ୍ଭ ବିଦ୍ୟାଳୟରେ **KG-1** ରୁ **STD-5** ଶ୍ରେଣୀରେ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, ଏଚ.ଆଇ.ଭି. ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଃଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ଆବେଦନ ପାଇଁ **www.rteparadarshiodisha.gov. in** ପୋର୍ଟାଲରେ ଲଗ୍‌ଇନ୍ କରନ୍ତୁ ।

ବି.ଦ୍ର. ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ରଗୁଡିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର,
ଧରମପୁର, ଫୁଲାଡ଼ି, ବାଲେଶ୍ୱର

୧୭ ଏପ୍ରିଲ ୨୦୨୬, ଶୁକ୍ରବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରାଇବଣିଆ ଦୁର୍ଗରେ ମା' ଗଡ଼ଚଣ୍ଡୀଙ୍କ ପୂଜା: ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବମୁଖର ପରିବେଶ

ଜଳେଶ୍ୱର, ୧୬/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ସ୍ଥିତ ଐତିହାସିକ ରାଇବଣିଆ ଦୁର୍ଗ ଏବେ ଅଧିଷ୍ଠିତ ଦେବୀ ମା' ଗଡ଼ଚଣ୍ଡୀଙ୍କ ପୂଜାର୍ଚ୍ଚନାରେ ଉତ୍ସବମୁଖର ହୋଇଉଠିଛି । ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଆୟୋଜିତ ଏହି ତିନିଦିନିଆ ପୂଜା ମହୋତ୍ସବରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ । ମା'ଙ୍କ ମହିମା ପ୍ରସାରିତ ହୋଇଥିବାରୁ କେବଳ ଓଡ଼ିଶା ନୁହେଁ, ବରଂ ପଡ଼ୋଶୀ ପଶ୍ଚିମବଙ୍ଗରୁ ମଧ୍ୟ ଶହ ଶହ ଶ୍ରଦ୍ଧାଳୁ ମାନସିକ ପୂରଣ ଆଶାରେ ରାଇବଣିଆ ଦୁର୍ଗକୁ ଛୁଟି ଆସୁଛନ୍ତି । ମା'ଙ୍କ ଦର୍ଶନ ସହ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରି ଭକ୍ତମାନେ ଅଶେଷ ପୁଣ୍ୟ ଲାଭ କରୁଛନ୍ତି । ପୂଜାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବିଶେଷ କରି ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭଗବାନ ଚନ୍ଦ୍ର ଭୋଳାନାଥ ଟ୍ରଷ୍ଟ ପକ୍ଷରୁ ଥଣ୍ଡା ପାନୀୟ ଜଳ, ସୁସ୍ୱାଦୁ ଘୋଳ ଦହି ଯୋଗାଇ ଦିଆଯାଉଛି । ଯାହା ଶ୍ରଦ୍ଧାଳୁଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଛି । ଏହି ପୂଜାକୁ ସଫଳ କରିବାରେ ସ୍ଥାନୀୟ ଗ୍ରାମବାସୀଙ୍କ ଅବଦାନ ଅତୁଳନୀୟ । ରବିନ୍ଦ୍ର ମହାପାତ୍ର, ବିଶ୍ୱଜିତ୍ ପରିଡା, ସୁବର୍ଣ୍ଣ ଦାସ, ସୂର୍ଯ୍ୟ ପଟ୍ଟନାୟକ, ଓ ଆଲୋକ ପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ସକ୍ରିୟ ଭାବେ ସହଯୋଗ କରି ଶୃଙ୍ଖଳା ରକ୍ଷା ଓ ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି ।



## ଗ୍ରୀଷ୍ମଛୁଟି ଅବସରରେ ଚାଟଶାଳି ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର



ଉଦଳା, ୧୬/୪ (ନି.ପ୍ର): ଗତବର୍ଷ ପରି ଚଳିତ ବର୍ଷ ଗ୍ରୀଷ୍ମଛୁଟି ଅବସରରେ ପିଲାଙ୍କୁ ପାଠ ସହିତ ବାନ୍ଧି ରଖିବା ପାଇଁ ଆତ୍ମଶକ୍ତି ଟ୍ରଷ୍ଟର ଉଦ୍ୟମରେ ଜନଜାଗୃତି ମଂଚର ନେତୃତ୍ୱ ଓ ସ୍ୱେଚ୍ଛାସେବି ସଂଗଠନ 'ଶିକ୍ଷାଗ୍ରହ' ଓ 'ମନ୍ତ୍ରା ଫର ଚେଂଚ'ର ସହଯୋଗରେ ମୟୂରଭଂଜ ଜିଲ୍ଲାପାଇଁ ଏହି ତାଲିମ ଉଦଳା ଠାରେ ଆୟୋଜିତ ହୋଇଥିବାର ଜଣାଯାଇଛି । ଉକ୍ତ ପ୍ରୟାସ ଜାତୀୟ ଶିକ୍ଷାନୀତି-୨୦୨୦ ସହ ସମ୍ବନ୍ଧିତ ବୋଲି ଜଣାଯାଇଛି । ମୟୂରଭଂଜ ଜିଲ୍ଲାର ୪ଗୋଟି ବ୍ଲକ (ଉଦଳା, କପ୍ତିପଦା, ଖୁଂଟା, ଗୋପବନ୍ଧୁନଗର)ରୁ ମୋଟ ୫୩ଜଣ ସ୍ୱେଚ୍ଛାସେବି ଏହି ତାଲିମ ନେଉଛନ୍ତି । ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ଓ ବିର୍ଷା ବାହିନୀ ସଂଯୋଜକ ବୈକୁଣ୍ଠ ନାଥ ସିଂ ଏହି ଶିବିର ପରିଚାଳନାର ନେତୃତ୍ୱ ନେଉଥିବା ବେଳେ କୈାଳାଶ ଚନ୍ଦ୍ର ନାୟକ, ସୁଦର୍ଶନ ଦଳେଇ, ରାମଚନ୍ଦ୍ର ସିଂ, ମୋନାଲି ମୁର୍ମୁ, ସୀମା ମହାନ୍ତି ଓ ଆରତୀ ଖଣ୍ଡାପାତ୍ର ସହଯୋଗ କରୁଛନ୍ତି । ପ୍ରଶିକ୍ଷକ ଭାବରେ ଶୁଭଙ୍କର ନାୟକ ଓ ଶୋହନ କୁମାର ତାଲିମ ପ୍ରଦାନ କରୁଛନ୍ତି । ବିଜ୍ଞାନ, ପ୍ରଯୁକ୍ତି, ବୈଷୟିକ ଜ୍ଞାନ ଓ ଗଣିତ ବିଷୟରେ ସ୍ୱେଚ୍ଛାସେବୀ ମାନଙ୍କର ସହଜ ପରୀକ୍ଷା ପ୍ରଣାଳୀ ଓ କମ୍ ଖର୍ଚ୍ଚର ଶିକ୍ଷା ସାମଗ୍ରୀ ମାଧ୍ୟମରେ ପ୍ରୟୋଗିକ ଦକ୍ଷତା ବୃଦ୍ଧି କରାଯାଉଛି । ବାସ୍ତବ ଜୀବନ ସହିତ ଏହି ଶିକ୍ଷାକୁ ଅଧିକ ଆକର୍ଷଣୀୟ ଓ ସହଜ କରିବା ଏହାର ମୁଖ୍ୟ ଉଦେଶ୍ୟ ବୋଲି କୁହାଯାଉଛି । ଚତୁର୍ଥ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଗ୍ରୀଷ୍ମ ଅବକାଶ ସମୟରେ ଆସନ୍ତା ମଇ ୧ ତାରିଖ ଠାରୁ ୬ ସପ୍ତାହ ପର୍ଯ୍ୟନ୍ତ ସ୍ୱେଚ୍ଛାସେବି ମାନେ ବିଭିନ୍ନ ଚାଟଶାଳି ମାନଙ୍କରେ ପଢ଼ାଇବେ ବୋଲି ଜଣାଯାଇଛି । ଆଜି ଏପ୍ରିଲ ୧୬ ତାରିଖ ଗୁରୁବାର ତାଲିମ ଆରମ୍ଭ ହୋଇଥିବା ବେଳେ ଆସନ୍ତା କାଲି ୧୭ ତାରିଖ ଶୁକ୍ରବାର ଦିନ ଉଦ୍‌ଯାପିତ ହେବ ବୋଲି ଜଣାଯାଇଛି । ମୟୂରଭଂଜ ଓ କନ୍ଧମାଳ ଜିଲ୍ଲାରେ ଏକ ସମୟରେ ଏହି ତାଲିମ ଚାଲୁ ରହିଥିବା ବେଳେ ନିକଟରେ ବଲାଙ୍ଗିରି ଓ କଳାହାଣ୍ଡିରେ ଏହା ସରିଯାଇଥିବାର ଜଣାଯାଇଛି ।

## ପ୍ରତୀକ ଅର୍ଗାନାଇଜେସନ୍ ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ




ବାରିପଦା, ୧୬/୪ (ନି.ପ୍ର): ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ଶ୍ରୀ ଶ୍ରୀ ହରି ବଳଦେବଜୀଉଙ୍କ ମନ୍ଦିର ନିକଟରେ ପଥଚାରୀ ଓ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପାନୀୟ ଓ ପାରମ୍ପରିକ ଦହିପଣା ବଣ୍ଟନ କରାଯାଇଥିଲା ଓ ପଣା ସଂକ୍ରାନ୍ତି ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ଓ ଆଧ୍ୟାତ୍ମିକ ପର୍ବ ଭାବେ ପରିଚିତ ଓ ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ପଣା ପାନ କରି ଶରୀର ଓ ମନକୁ ଶିତଳ କରିବା ସହ ଭଗବାନଙ୍କ ଆଶୀର୍ବାଦ କାମନା କରାଯାଏ ଓ ସେହି ପରମ୍ପରାକୁ ଅଗ୍ରସର କରି ପ୍ରତୀକ ପରିବାର ପକ୍ଷରୁ ପ୍ରଥମେ ମହାପ୍ରଭୁଙ୍କୁ ତୁଳସୀ ପଣା ଅର୍ପଣ କରାଯାଇ ପରେ ପଣା ପ୍ରସ୍ତୁତ କରାଯାଇଥିଲା ଓ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ କରଞ୍ଜିଆ ଡଃ ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଫିତା କାଟି ପଣା ଷ୍ଟଲର ଶୁଭ ଉଦଘାଟନ କରିଥିଲେ ଓ ପରେ ସେ ନିଜ ହାତରେ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରିଥିଲେ ଓ ମହାପ୍ରଭୁଙ୍କ ଦର୍ଶନ କରି ବେଢ଼ା ପରିକ୍ରମା କରିବା ପରେ ସେ ନିଜେ ମଧ୍ୟ ପଣା ପାନ କରିଥିଲେ ଏବଂ ପ୍ରତୀକ ପରିବାରର ଏହି ସାମାଜିକ ଉଦ୍ୟମକୁ ଭୂରିଭୂରି ପ୍ରଶଂସା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ୨୫ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ୨୭ନଂ ୱାର୍ଡ କାଉନସିଲର ଶିବଶଙ୍କର ପାତ୍ର, ପ୍ରତୀକର ଉପଦେଷ୍ଟା ବରିଷ୍ଠ ସମାଜସେବୀ ଅନାଦି ପଣ୍ଡିତ, ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଓ, ପ୍ରତୀକର ସକ୍ରିୟ ସଦସ୍ୟ ସ୍ନେହାଶିଷ ପାଲ, ଉପଦେଷ୍ଟା ସୋମନାଥ ସିଂହ, ସାମ୍ବାଦିକ ଅଜିତ ଦାସ, ଟାଉନ ସଭାପତି ରାଜୀବ ସାହୁ, ସମ୍ପାଦକ ପ୍ରବୀର ବାରିକ, ପ୍ରତିଷ୍ଠାତା ପ୍ରତିମା ବାରିକଙ୍କ ସମେତ ପ୍ରତୀକ ପରିବାରର ବହୁ ସଦସ୍ୟ ଉପସ୍ଥିତ ରହି ପଣା ବଣ୍ଟନ କରିଥିଲେ ଓ ପଣା ସଂକ୍ରାନ୍ତି ଅବସରରେ ଶ୍ରୀ ଶ୍ରୀ ହରି ବଳଦେବଜୀଉଙ୍କ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ଓ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ପରମ୍ପରାଗତ ଭାବେ ପଣା ପାନ କରି ଆତ୍ମସନ୍ତୋଷ ଲାଭ କରିବା ସହ ପ୍ରତୀକ ଅର୍ଗାନାଇଜେସନର ଏହି ମାନବିକ ଉଦ୍ୟମକୁ ପ୍ରଶଂସା କରିଥିଲେ ଓ ସଦସ୍ୟ, ସହଯୋଗୀ ଓ ନିମନ୍ତ୍ରିତ ଅତିଥିମାନଙ୍କ ସମନ୍ୱୟ ଓ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁରୁଖୁରୁରେ ସମାପନ ହୋଇଥିଲା ।

## ସଡକ ଦୁର୍ଘଟଣାରେ ଯୁବକ ଗୁରୁତର

ନୀଳଗିରି: ସଡକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ମେଡିକାଲ ପରେ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ପୋଡ଼ାଶୂଳ ଡାହିସାହି ଗ୍ରାମର ଦୀପକ ସିଂ (୨୫) ଏକ ସ୍କୁଟିରେ ନୀଳଗିରି ଆସୁଥିବା ବେଳେ ନୀଳଗିରି ଗୁଣ୍ଡିଚା ମନ୍ଦିର ନିକଟରେ ଏକ ବୋଲେରୋ ଗାଡ଼ିକୁ ଧକ୍କା ମାରିବାରୁ ଦୀପକର ମୁଣ୍ଡ, ଗୋଡ଼, ହାତରେ ଗଭୀରଆଘାତ ଲାଗିଛି । ସ୍ଥାନୀୟଲୋକେ ସଙ୍ଗେସଙ୍ଗେ ନୀଳଗିରି ମେଡିକାଲକୁ ରକ୍ତାକ୍ତ ଅବସ୍ଥାରେ ନେଇଥିଲେ । ପରେ ଗୁରୁତର ଅବସ୍ଥାରେ ରେମୁଣା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବାର ଦେଖିବାକୁ ମିଳିଛି ।

## ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩ ପଦଯାତ୍ରା




ଖୋର୍ଦ୍ଧା, ୧୬/୪ (ନି.ପ୍ର): ଆଜି ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲୁଗାଁ ମହାବିଦ୍ୟାଳୟ ଚିଲିକା କୂଳରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ନାରୀ ଶକ୍ତିଙ୍କ ସଂକଳ୍ପ ପଦଯାତ୍ରା ରାଲି ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଂଚାୟତ ସମିତି ଅଧ୍ୟକ୍ଷା ଜ୍ୟୋସ୍ନା ରାଣୀ ବେହେରା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଣପୁର, ବିକାଶ କୁମାର ମହାନ୍ତି, ଚିଲିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର ଯୋଗଦେଇ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ମହିଳା ମାନଙ୍କୁ ଆଗକୁ ବଢ଼ିବାରେ ନୂତନ ଦିଗ ଦର୍ଶନ ଦେବବୋଲି ମତ ପ୍ରକାଶ କରିଥିଲେ । ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ସି ଡି ପି ଓ ଚିଲିକା ଓ ବାଣପୁର ବ୍ଲକ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ବିଶାଳ ମହିଳା ଶୋଭାଯାତ୍ରା ଗାନ୍ଧୀ ଛକ ଠାରେ ପହଞ୍ଚିଥିଲା । ମହିଳା ମାନେ ହାତରେ ବିଭିନ୍ନ ମହିଳା ଶସକ୍ତି କରଣ ବାର୍ତ୍ତା ପ୍ଲାଗ କାର୍ଡ ହାତରେ ଧରି ଶୋଭାଯାତ୍ରାରେ ଚିଲିକା କୂଳରୁ ଗାନ୍ଧିଛକ ପର୍ଯ୍ୟନ୍ତ ଯାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରାଣ ନାଥ ଶେଖ୍, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଚିଲିକା ବ୍ଲକ୍ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଶତପଥୀ, ଡି ପି ସି, ମିଶନ ଶକ୍ତି, ଉପଖଣ୍ଡ ପୋଲିସ ଅଧିକାରୀ, ବାଲୁଗାଁ, ବାଲୁଗାଁ ଥାନା ଅଧିକାରୀ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ କାଉଁସିଲର, ବାଲୁଗାଁ ବିଜ୍ଞାପିତ ପରିଷଦ ସମସ୍ତ ମହିଳା କର୍ମଚାରୀ, ବାଲୁଗାଁ ମହାବିଦ୍ୟାଳୟ ଅଧାପିକା ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ବଣିଆଗାଁରେ ଝାଡଖଣ୍ଡି ଦନ୍ତାହାତୀର ଉପଦ୍ରବ: ବ୍ୟାପକ ପରିବା ଫସଲ ନଷ୍ଟ

ନୀଳଗିରି, ୧୬/୪ (ନି.ପ୍ର): ଖାଦ୍ୟ ଅନ୍ୱେଷଣରେ ଏକ ଝାଡ଼ଖଣ୍ଡି ହାତୀ ଦୁର୍ଗାଦେବୀ ଅଞ୍ଚଳ ଅତିକ୍ରମକରି ଆଜି ସକାଳ ୬ ଘଟିକା ସମୟରେ ନୀଳଗିରି ବ୍ଲକ୍ ମହିଷାପଟ୍ଟା ପଞ୍ଚାୟତ ବଣିଆଗାଁରେ ପହଞ୍ଚି ମନୋଜ କୁମାର ନନ୍ଦ (ଟିକୁ)ଙ୍କ ଫାର୍ମ ବାଡ଼ିଭାଙ୍ଗି ଭିତରକୁ ପ୍ରବେଶକରି ଫାର୍ମବାଡିରେ ଥିବା ପନିପରିବା, କଦଳୀଗଛ, ଆମ୍ବ ଗଛ ବ୍ୟାପକଭାବେ ନଷ୍ଟକରିଛି । ଯାହାର ଆନୁମାନିକ ମୂଲ୍ୟ ପଚାଶହଜାରରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିବା ଫାର୍ମର ମାଲିକ ମନୋଜ କହିଛନ୍ତି । ପରେ ହାତୀଟି ପାଟଣା ଜଙ୍ଗଲ ଅଭିମୁଖେ ଯାଉଥିବାର ଦେଖିବାକୁ ମିଳିଛି ଏତେବେ ଦନ୍ତା ହାତୀ ପ୍ରଥମେ ନୀଳଗିରି ଅଞ୍ଚଳକୁ ଆସି ଖାଦ୍ୟ ଅନ୍ୱେଷଣ କରିବାପରେ ଅନ୍ୟ ହାତୀ ମାନେ ଆସିପାରନ୍ତି ବୋଲି ଅନୁମାନ କରାଯାଉଛି । ଏନେଇ ନୀଳଗିରି ବନବିଭାଗ ପକ୍ଷରୁ ଅଞ୍ଚଳ ବାସୀଙ୍କୁ ସତର୍କ କରାଇବା ସହିତ ଦନ୍ତା ର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖା ଯାଇଛିବୋଲି କହିଛନ୍ତି ।

## ନାରୀ ଶକ୍ତି ବନ୍ଦନକୁ ସମର୍ଥନ: ଭଦ୍ରକରେ ହଜାର ହଜାର ମହିଳାଙ୍କ ପଦଯାତ୍ରା



ଭଦ୍ରକ, ୧୬/୪ (ନି.ପ୍ର): ସଶକ୍ତ ଭାରତ, ସଶକ୍ତ ନାରୀ" ଏହି ଆହ୍ୱାନକୁ ସାମ୍ନାରେ ରଖି ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଜଣାଇ ଆଜି ସକାଳ ୯ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ଯୋଗଦେଇ ନାରୀ ସଶକ୍ତିକରଣ ପ୍ରତି ନିଜ ସମର୍ଥନ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ । ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାୟ ନାରୀ ସୁରକ୍ଷା ଓ ସମାନ ଅଧିକାର ସୁନିଶ୍ଚିତ କରିବା ଦିଗରେ ପ୍ରଶାସନର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ । ଏହି ଅବସରରେ ରାଜ୍ୟ ମହିଳା ଶିଶୁ ସୁରକ୍ଷା ସଦସ୍ୟା ଶ୍ରୀମତୀ ମନସ୍ୱିତା ଖୁଣ୍ଟିଆ, ଜିଲ୍ଲା ବିଜେପି ସଭାପତି ଶ୍ରୀ ଭଗବାନ ପଣ୍ଡା, ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ଶ୍ରୀମତୀ ଝରଣା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ବକ୍ତାମାନେ କହିଥିଲେ ଯେ, ପଞ୍ଚାୟତରୁ ପାଲ୍ୟାମେଣ୍ଟ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା କରିବାକୁ ଯାଉଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ସମଗ୍ର ଦେଶରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଥିଲେ ।

## ସାମାଜିକ ସୁରକ୍ଷାରୁ ବଂଚିତ ୬୫ ବର୍ଷ ବୟସ୍କ ବିଧବା ମା' 'ନାଙ୍ଗି'

ଉଦଳା, ୧୬/୪ (ନି.ପ୍ର): ଖୁଂଟା ବ୍ଲକର ଢ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ମହୁଲଡ଼ିହି ଗ୍ରାମର ବାସିନ୍ଦା ବିଧବା ମା' 'ନାଙ୍ଗି ମୁର୍ମୁ' ଏ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଆଜକୁ ୧୦ ବର୍ଷ ପୁର୍ବେ ତାଙ୍କର ସ୍ୱାମୀ ବାଲୁନ ମୁର୍ମୁଙ୍କର ଦେହାନ୍ତ ହୋଇଯାଇଥିବା ବେଳେ 'ନାଙ୍ଗି'ଙ୍କୁ ବର୍ତମାନ ବୟସ ୬୫ ବର୍ଷ ଛୁଇଁଥିବାର ଜଣାଯାଇଛି । ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବା ପାଇଁ 'ନାଙ୍ଗି' ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବିଧବା ମା' 'ନାଙ୍ଗି'ଙ୍କୁ ତୁରନ୍ତ ଭତା ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀ କୈାଳାଶ ଚନ୍ଦ୍ର ନାୟକ ବିଭାଗୀୟ କତୃପକ୍ଷଙ୍କୁ ଅନୁରୋଧ ଜଣାଇଛନ୍ତି ।

## ଶରବଣା ଦିବ୍ୟଜ୍ୟୋତି ହାୟାର ସେକେଣ୍ଡାରୀ ସ୍କୁଲର ସଫଳତା

ବୈଶିଙ୍ଗା, ୧୬/୪ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଶରବଣା ଠାରେ ଥିବା ଦିବ୍ୟଜ୍ୟୋତି କନଭେଣ୍ଟ ସ୍କୁଲର ସିବିଏସଇ ଦଶମ ବୋର୍ଡ଼ ପରୀକ୍ଷାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ଫଳାଫଳ ହାସଲ କରିଛି । ୯୮ ପ୍ରତିଶତ ମାର୍କ ରଖି ବନିତ ପାଲ ସ୍କୁଲ ଟପ୍ପର ହୋଇଥିବାବେଳେ ବ୍ଲକ ଟପ୍ପର ମଧ୍ୟ ହୋଇଛନ୍ତି । ୯୪.୨% ରଖି ରୁଦ୍ରାଂଶ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ତୃତୀୟ ସ୍ଥାନ ପ୍ରତ୍ୟୁଷ ରାଣା ସିଂ ୯୨% ରଖିଥିବା ବେଳେ ଚତୁର୍ଥ ସ୍ଥାନରେ ଶ୍ୟାନି ସାଲନୀକା ଜେନା ୯୧%ରଖିଛନ୍ତି, ପଞ୍ଚମ ସ୍ଥାନରେ ଜସ୍ମିତ ଦାସ ୯୦.୪% ରଖିଥିବାବେଳେ, ଷଷ୍ଠ ସ୍ଥାନରେ ପ୍ରଜ୍ଞାନ ବେହେରା ୯୦% ରଖି କୃତକାର୍ଯ ହୋଇଛନ୍ତି । ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଓ ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍କୁଲର ଅଧକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଦିବ୍ୟ ଜ୍ୟୋତି କନଭେଣ୍ଟ ସ୍କୁଲର ପ୍ରେସିଡେଣ୍ଟ ମଦର ଟେସିନା ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉଭୟ ସମସ୍ତ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅବିଭାବକମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ଲକ୍ଷ୍ମୀ ବାସନ୍ତୀ ଆବାସିକ ସ୍ୱତନ୍ତ୍ର ମୁକବଧିର ବିଦ୍ୟାଳୟରେ ୨୪ତମ ବାର୍ଷିକ ଉତ୍ସବ ପାଳିତ



ବସ୍ତା, ୧୬/୪ (ନି.ପ୍ର): ଆଜିର ସମାଜରେ ଶିକ୍ଷା ସହିତ ନୃତ୍ୟ, ସଙ୍ଗୀତ ଓ କ୍ରୀଡାର ନିତ୍ୟାନ୍ତ ଜରୁରୀ । ହେଲେ ମୁକ ଓ ବଧିର ଛାତ୍ରଛାତ୍ରୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଅସମ୍ଭବକୁ ସମ୍ଭବ କରି ନିଜ ବିଦ୍ୟାଳୟର ନାମ ରଖିବା ସମେତ ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ନିଜର ନିପୁଣତା ଦେଖେଇଛନ୍ତି ବୋଲି ତାଙ୍କ ପ୍ରମାଣ ପତ୍ର ସୂଚାଇ ଦେଉଛି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଥିବା ସାନଖୁଡି ଗ୍ରାମରେ 'ଆଶା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀ । ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ ୧୫ ତାରିଖ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ କବି ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ସମ୍ମାନିତ ଅତିଥି ଉତ୍ତର ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ତଥା ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା, ବିଶିଷ୍ଟ ଅତିଥି ୟୁନିଟ ମୁଖ୍ୟ, ଟାଟା ଷ୍ଟିଲ ଫାଉଣ୍ଡେସନ, ବାଲେଶ୍ୱର ପ୍ରମୋଦ କୁମାର ପାତ୍ର, ବସ୍ତା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ଶର୍ମିଷ୍ଠା ଦତ୍ତ, ବିଶିଷ୍ଟ ଶିକ୍ଷାବିତ ମିହିର କୁମାର ମହାପାତ୍ର । ଯୋଗ ଦେଇ ଥିଲେ । ଆଶା ସଂଗଠନର ପ୍ରତିଷ୍ଠାତା ଡ଼ଃ ଅମର କୁମାର ପାଳ ସଭାପତିତ୍ୱ କରିଥିଲେ । ଉପସଭାପତି ତଥା ପୂର୍ବତନ 'ଆଶା' ସମ୍ପାଦିକା ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ, ଆମନ୍ତ୍ରିତ ଅତିଥି ଶ୍ରୀମତୀ ଅପରାଜିତା ସେନାପତି (ଅଧ୍ୟକ୍ଷା, ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥି ମାନେ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଧୂପ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ତତ୍ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସୁସ୍ୱାଗତମ ନୃତ୍ୟ ପରିବେଷଣ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସଭାପତି ଡ଼ଃ ଶ୍ରୀ ପାଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ବିଭିନ୍ନ ଆବଶ୍ୟକତା ବିଷୟରେ ମୁଖ୍ୟ ଅତିଥିଙ୍କୁ ଜଣାଇଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଜେନା ବିଦ୍ୟାଳୟ ପାଇଁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଯୋଗାଇଦେବାକୁ ପ୍ରକାଶ କରିଥିଲେ । ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଅତିଥି ମାନେ ପ୍ରଦାନ କରି ଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପୂର୍ବତନ ଛାତ୍ର ଛାତ୍ରୀ ଅଭିଭାବକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସମେତ କାର୍ଯ୍ୟରତ କର୍ମଚାରୀ ପରିଚାଳନା ଦାଇତ୍ୱ ବହନ କରିଥିଲେ । ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ । ଅପରାହ୍ନରେ ବିଦ୍ୟାଳୟର ପୂର୍ବତନ ସମ୍ପାଦିକା ଶ୍ରୀମତୀ ବିଶ୍ୱାଳଙ୍କ ଜନ୍ମଦିନ ପାଳନ କରାଯାଇ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ 'ଆଶା' ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ସହିତ ସହଯୋଗ କରିଥିଲେ । ପରିଶେଷରେ ଡ଼ଃ ପାଳ ସମସ୍ତଙ୍କୁ ଧନ୍ୟବାଦ ଦେଇ ଏହି କାର୍ଯକ୍ରମକୁ ସମାପ୍ତ କରିଥିଲେ ।

## ଆଳଦା-ପାହାଡପୁର ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

ଖଇରା, ୧୬/୪ (ନି.ପ୍ର): ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଗୁରୁବାର ବାଲେଶ୍ୱର ଭଦ୍ରକକୁ ସଂଯୋଗ କରୁଥିବା ଆଳଦା-ପାହାଡପୁର ରାସ୍ତାର ଶିଳନ୍ୟାସ ପରେ ଦିର୍ଘଦିନ ଧରି ଅପେକ୍ଷା କରିଥିବା ହଜାର ହଜାର ଗ୍ରାମବାସୀଙ୍କ ସ୍ୱପ୍ନ ପୁରଣ ହୋଇଛି । କୈଳାସ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଡୁଙ୍ଗୁରା ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ନଟବର ସାହୁ, ଶଙ୍କର୍ଷଣ ମାଝୀ, ଠିକାଦାର ମୁରଲୀଧର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଠ ରାସ୍ତାର ବିଶଦ ବିବରଣୀ ପ୍ରଦାନ କରିବା ଅବସରରେ ୧.୮କିମି ରାସ୍ତା ପାଇଁ ୧କୋଟି୯୬ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ପ୍ରକାଶ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida